# ଭିତରକୁ ଦେଖ

ସାଧାରଣ ନିର୍ବାଚନରେ କଂଗ୍ରେସ ଶୋଚନୀୟ ପରାଜୟ ବରଣକରିବା ପରେ ଏବେ ଏହାର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଦ ଛାଡ଼ିବାକୁ ଅଡ଼ି ବସିଛନ୍ତି। ୨୫ ମେ'ରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ସେ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ ମଧ୍ୟ ତାହାକୁ ଗ୍ରହଣ କରାଯାଇ ନାହିଁ। ବରଂ ସେ ଏହି ବୈଠକରେ କଂଗ୍ରେସର ବରିଷ୍ଠ ନେତାମାନଙ୍କୁ ପରାଜୟ ପାଇଁ ଦାୟୀ କରିଛନ୍ତି। 'ପୁତ୍ର ଉଦୟ' ମୋହରେ ପଡ଼ି କେତେକ ନେତା ପାର୍ଟିର ସ୍ୱାର୍ଥକୁ ନ୍ୟୂନ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଅବଶ୍ୟ ପରିବାରବାଦ ରାଜନୀତିର ରାହୁଲ ନିଜେ ଜଣେ ପ୍ରଥମ ହିତାଧିକାରୀ ଭାବେ ଜଣାଶୁଣା। ଅନ୍ୟପଟେ ଯେଉଁମାନଙ୍କୁ ରାହୁଲ ଦୋଷ ଦେବାକୁ ଉଚିତ ମନେକରିଛନ୍ତି, ସେମାନେ ସମସ୍ତେ ବ୍ୟକ୍ତିଗତ ଭାବେ ତାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଅବଶ୍ୟ ଶୁଣିବାକୁ ମିଳୁଛି ଯେ ତାଙ୍କ ମାତା ସୋନିଆ ଗାନ୍ଧୀ ଓ ଅନ୍ୟ କେତେ ଜଣ ବୟସ୍କ ନେତାଙ୍କ ଚାପରେ ଏହି ମୁଖ୍ୟମନ୍ତ୍ରୀମାନେ ପଦବୀ ପାଇଥିଲେ।

ଆଜିର ଭୋଟ ଢାଞ୍ଚାକୁ ଦେଖିଲେ ଗାନ୍ଧୀ-ନେହେରୁ ପରିବାର ନାମରେ କଂଗ୍ରେସ ଭୋଟ ରହିଆସିଛି ବୋଲି ଦୀର୍ଘଦିନରୁ ଯେଉଁ ଧାରଣା ଗଢ଼ି ଆସିଥିଲା ତାହା ଲୋପପାଇବାକୁ ବସିଲାଣି। ରାହୁଲ ଓ ତାଙ୍କ ନେତାମାନେ ଏହା ବୁଝିବାରେ ଅକ୍ଷମ ହେବାରୁ ଏଭଳି ଦଳୀୟ ବିପର୍ଯ୍ୟୟ ଦେଖାଗଲା ବୋଲି ବିଶ୍ଳେଷକମାନେ ମତ ଦେଲେଣି। ବରିଷ୍ଠ ନେତା ପି. ଚିଦାମ୍ବରମ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ସେମାନଙ୍କ ପୁଅମାନଙ୍କ ରାଜନୈତିକ କ୍ୟାରିୟର ପାଇଁ ବ୍ୟସ୍ତ ରହିବାରୁ ପାର୍ଟି ଖରାପ ପ୍ରଦର୍ଶନ କଲା ବୋଲି ଯେଉଁ ଦୋଷ ଦିଆଯାଉଛି, ତା' ଛଡ଼ା ଅନେକ କାରଣ ଏଥିପାଇଁ ଦାୟୀ। ୬ ମାସ ତଳେ ଯେତେବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କଲା, ସେତେବେଳେ ମୁଖ୍ୟମନ୍ତ୍ରୀ ଭାବେ ନୂଆ ଚେହେରା ବିଶେଷକରି ଯୁବ ନେତୃତ୍ୱକୁ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଥିଲା। ରାଜସ୍ଥାନରେ ସଚିନ ପାଇଲଟ ଓ ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଥିବା ବେଳେ ଦଳ ଯଥାକ୍ରମେ ଅଶୋକ ଗେହଲଟ ଓ କମଲନାଥଙ୍କ ଉପରେ ବିଶ୍ୱାସ ରଖିଥିଲା। ଦଳର ଏଭଳି ନିଷ୍ପତ୍ତିରେ ପାର୍ଟି କର୍ମୀ ବିମୁଖ ହେବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ।

ନିର୍ବାଚନରେ ବିଫଳତା ଲାଗି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ, ଆସାମ, ପଞ୍ଜାବ ଏବଂ କର୍ଣ୍ଣାଟକ କଂଗ୍ରେସ ମୁଖ୍ୟମାନେ ଇସ୍ତଫା ଦେଇଦେଲେଣି। ତେବେ ପାର୍ଟିର ଅଧ୍ୟକ୍ଷ ଭାବେ ରାହୁଲଙ୍କ ଇସ୍ତଫା ଓ ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ବସାଇବା ଲାଗି ସେ ଯେଭଳି ନିଷ୍ପତ୍ତି ନେଇଛନ୍ତି, ତାହା କଂଗ୍ରେସକୁ ପୁନର୍ଜନ୍ମ ଦେଇପାରେ। ଶେଷ ହୋଇଥିବା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ସାଙ୍ଗଠନିକ ନେତୃତ୍ୱ ତାହାକୁ ବିଜୟ ମୁକୁଟ ପିନ୍ଧାଇଛି। ଏଥିସହିତ ଦେଶର ବୃହତ୍ ରାଜ୍ୟ ଉତ୍ତରପ୍ରଦେଶରେ ଜାତି, ସଂଖ୍ୟାଲଘୁ ତୁଷ୍ଟୀକରଣ ନେଇ ଯେଉଁ ରାଜନୀତି ଖେଳାଯାଇ ଆସୁଥିଲା ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜପାର୍ଟି (ବିଏସ୍‌ପି)ର ଯୋଜନାକୁ ପଣ୍ଡ କରି ଭାଜପା ଭୋଟ ଧ୍ରୁବୀକରଣ କରିବାରେ ସଫଳ ହେଲା। ଏଠାରେ କେବଳ ସାଙ୍ଗଠନିକ କାର୍ଯ୍ୟ ମାଧ୍ୟମରେ ହାର୍‌ଜିତ୍ ହୋଇଛି ବୋଲି କହିହେବ ନାହିଁ। ମୋଦିଙ୍କ ସ୍ୱଷ୍ଟ ମତ ଏବଂ ଶକ୍ତିଶାଳୀ ଜାତୀୟତାବାଦ ସହିତ ଆହୁରି ଅନେକ କାରଣ ଯୋଗୁ ଭାଜପାକୁ ବିପୁଳ ସଫଳତା ଦେଖିବାକୁ ମିଳିଛି। ମନେହେଲା ଯେପରି ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ କେବଳ ମୋଦିଙ୍କୁ ଆକ୍ରମଣ କରିବାରେ ସୀମିତ ରହିଗଲେ। 'ନ୍ୟାୟ' ଭଳି ଅଯଥା ଯୋଜନା ସମ୍ପର୍କରେ ଆଲୋଚନା କରିବା ବ୍ୟତୀତ କଂଗ୍ରେସ ମଧ୍ୟ ସଫଳତାର ସହିତ ବେକାର ଓ ଚାଷ ସମସ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଭଲ ଭାବେ ଉପସ୍ଥାପନ କରିପାରିଲା ନାହିଁ। ସମ୍ଭବତଃ ଭାରତର ସାଧାରଣ ଭୋଟର ଏବେ ଦୁଇଥର ସରକାର ଗଢ଼ିବାର ସୁଯୋଗ ଦେବାକୁ ଚାହିଁଛନ୍ତି। ତେବେ ୨୦୨୪ ମସିହାରେ ମୋଦିଙ୍କ ଭାବମୂର୍ତ୍ତିକୁ ପ୍ରତିହତ କଲା ଭଳି କାର୍ଯ୍ୟ କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକୁ ଏବେଠାରୁ ନେବାକୁ ପଡ଼ିବ।

ଭାଜପା ଭିତରେ ମୋଦି ଜଣେ ଏକଚ୍ଛତ୍ରବାଦୀ ନେତା ହୋଇପାରିଛନ୍ତି। କିନ୍ତୁ ସେହି ଦଳରେ ଅନେକ ନିୟମକାନୁନ ମାଧ୍ୟମରେ ଦଳୀୟ କର୍ମୀମାନଙ୍କୁ ସନ୍ତୁଷ୍ଟ ରଖାଯାଇପାରୁଛି। ଯଥା ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପୁନଶ୍ଚ ଟିକେଟ ଦିଆଯାଇ ନାହିଁ। ଦଳର କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ସ୍ଥାନରେ ଗୁରୁତ୍ୱ ଦିଆଯାଇଥାଏ। ହିନ୍ଦୁତ୍ୱ ଆଦର୍ଶ ସେମାନଙ୍କ ରାଜନୈତିକ ଖେଳକୁ ଏକତ୍ରିତ କରି ରଖିଛି। ଅନ୍ୟପଟେ କଂଗ୍ରେସର କୌଣସି ଚିନ୍ତାଧାରାରେ ବାନ୍ଧି ହୋଇ ରହିବାର ଲକ୍ଷଣ ଦେଖାଯାଉ ନାହିଁ। କେବଳ ଗାନ୍ଧୀ ପରିବାର ପାଇଁ ଆନୁଗତ୍ୟ ସେହି ଦଳରେ ନେତା ସୃଷ୍ଟି କରିଥାଏ। କଂଗ୍ରେସ ଭଳି ଅନ୍ୟ ସବୁ ଅଣ-ଭାଜପା ଦଳଗୁଡ଼ିକ ମଧ୍ୟ ନିଜର ଅସ୍ତିତ୍ୱ ହରାଇବାକୁ ବସିଲେଣି। ଆଞ୍ଚଳିକ ଦଳଗୁଡ଼ିକରେ କଂଗ୍ରେସ ଭଳି ଆଭିମୁଖ୍ୟ ଥିବାରୁ ତାମିଲନାଡୁର ଡିଏମ୍‌କେ ବ୍ୟତୀତ ଅନ୍ୟ ସମସ୍ତଙ୍କ କ୍ଷତି ଘଟିଛି। ଏଭଳି ପ୍ରଚ୍ଛଦପଟରେ ଏବେ ସବୁ ରାଜନୈତିକ ଦଳକୁ ଆଭ୍ୟନ୍ତରୀଣ ପରିବେଶ ପ୍ରତି ସଜାଗ ରହିବା ଆବଶ୍ୟକ ହୋଇପଡ଼ିଲାଣି।

# ମରିଯାଉଛି ମଣିଷପଣ



ସୁଧୀର କୁମାର ନାୟକ

ସକାଳୁ ସକାଳୁ ମହାପାତ୍ର ବାବୁଙ୍କ ମୁଣ୍ଡଟା ବିଗିଡ଼ିଯାଇଛି। ନିଜ ଝିଅପୁଅଙ୍କ ଚାଲିଚଳନ ଦିନକୁଦିନ ବେଢଙ୍ଗିଆ ହୋଇଯାଉଛି। ପିଲାମାନଙ୍କର ବେଶଭୂଷା, ଆଚାର ବ୍ୟବହାରରେ ଅଶିଷ୍ଟତା ତାଙ୍କ ହୃଦୟକୁ କଷ୍ଟ ଦେଉଛି। ନା କିଛି ଟାଣ କରି କହିହେଉଛି ନା ଚୁପ ରହିହେଉଛି। ପୁଅ ୨ ହଜାର ଟଙ୍କାର ପ୍ୟାଣ୍ଟଟିଏ କିଣିଛି, ଯାହାକୁ ଦେଖିବାକୁ ଘୃଣା ଲାଗୁଛି। ପ୍ୟାଣ୍ଟର ଆଗପଛ ଚିରାଫଟା କଙ୍କଡ଼ାଗାତ ପରି ତାଳି ପକା ହୋଇଛି। ଫଟା ସ୍ଥାନରେ ସୂତାଗୁଡ଼ିକ ବରଓହଳ ପରି ଝୁଲୁଛି। ଏ କି ପ୍ରକାର ପୋଷାକ। ଏହାର ପୁଣି କି ସୌନ୍ଦର୍ଯ୍ୟ ପିଲାମାନଙ୍କୁ କିପରି ଆକୃଷ୍ଟ କରୁଛି? ସତେ ଯେମିତି ପ୍ୟାଣ୍ଟଟିକୁ ଚକଡ଼ା ରୋଗ ଧରିଛି। କି କଥା! ସମାଜରେ ଲୋକେ କ'ଣ କହିବେ? ମହାପାତ୍ର ଘର ପୁଅଟା ବାତରା ହୋଇଗଲାଣି। ସାଧାରଣତଃ ଘରେ ଶ୍ରାଦ୍ଧପିଣ୍ଡ କାମରେ ପିଲାମାନେ ସ୍ଥିର ହୋଇ ୫-୧୦ମିନିଟ୍ ପିଣ୍ଡଦାନ ପାଖରେ ବସିପାରୁ ନାହାନ୍ତି। ହାତରେ ମୋବାଇଲ୍‌ଟିକୁ ଧରି ଅଙ୍ଗୁଳି ଘଷିବାରେ ବ୍ୟସ୍ତ। ଯାହା ପାଠଶାଠ ଥାଉ, ଚାକିରି କର କି ଅନ୍ୟ କିଛି, ଆପାତତଃ ବେଶଭୂଷା ଟିକେ ମାର୍ଜିତ ହେଉ। ଏତେ ଅପସଂସ୍କାରକୁ ଚାଲିଯିବାଟା ଭବିଷ୍ୟତ ପାଇଁ ଆଦୌ ଭଲ ନୁହଁ। ଚା କପ୍ ଧରି ଶ୍ରୀମତୀ ପହଞ୍ଚିଗଲେ। ପୁଅ କଥା କ'ଣ କହୁଛ, ଝିଅ କାଲି ଗୋଟାଏ ଡ୍ରେସ୍ କିଣିଛି। ଦେଖିଲେ ତୁମର ରକ୍ତଚାପ ବଢ଼ିଯିବ। ଉପରପାଖ ଜାମାଟା ମାଛଧରା ଜାଲ ପରି ହୋଇଛି। ତଳପଟ ଡ୍ରେସ୍‌ଟା ମୁଁ କହିପାରିବି ନାହିଁ। ହାତର ରୁମାଲଟା ବରଂ ତା' ଡ୍ରେସ୍‌ଠାରୁ ଓଜନ ଲାଗିବ। ପିଣ୍ଡାରେ ବସି ଜେଜେ ସବୁ କଥାକୁ କାନ ଦେଇଥିଲେ। ସମ୍ଭାଳି ନ ପାରି ତୁଣ୍ଡ ଖୋଲି ଦୁଇପଦ କହିଲେ, ଆମ ଅମଳରେ କମ୍ ପାଠ, କମ୍ ଧନ ଥିଲେ ବି ଲଜ୍ଜା, ସରମ, ମୁରବି ଜ୍ଞାନ ଟିକକ ଥିଲା। ସମୟ ବଦଳି ଯାଉଛି। ପିଲାଙ୍କୁ ଦୁଇପଦ କହିଲେ ସେମାନେ ଚାରିପଦ ମୁହଁରେ ଜବାବ ଦେଉଛନ୍ତି। ମନ୍ଦକୁ ଆଦରି ଭଲ ପାଖରୁ ଆଡ଼େଇ ଯାଉଛନ୍ତି।

ମୁରବି ଶ୍ରେଣୀୟ ମିଶ୍ର ମଉସା ଆସି ପହଞ୍ଚିଲେ। ଜେଜେ, ଆପଣ ଜାଣନ୍ତି, ଗତ କିଛି ଦିନ ଧରି ଟିଭି, ମୋବାଇଲ, ଖବରକାଗଜଗୁଡ଼ିକରେ କେତୋଟି ଫଟୋକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା। ଭାଲେଣ୍ଟାଇନ ଡେ ଅବସରରେ ମାଲାୟାଲମ ଫିଲ୍ମ ଅଭିନେତ୍ରୀ ପ୍ରିୟାଙ୍କ ଅଭିନୀତ ଏକ ଚଳଚ୍ଚିତ୍ରରେ ଏମିତି ଆଖିପତା ଦୋହଲାଇ ଡୋଳା ବୁଲାଇ ବୁଲାଇ ବାମ ଆଖିଟାକୁ ବୁଜିଦେବାର ଦୃଶ୍ୟଟା ଆମ ପିଲାମାନଙ୍କ ମନକୁ ପୂରା ପାଇଯାଇଛି। ସ୍କୁଲ, କଲେଜ, ଛକ, ବଜାର, ପାର୍କ ସବୁଠି ସେଇ ଗୋଟେ ଆଖିବୁଜା କଥା। ଏପରି ଦୃଶ୍ୟ ଏକ ମାମଲା ହୋଇ ସୁପ୍ରିମ୍‌କୋର୍ଟକୁ ବିଚାର ପାଇଁ ମଧ୍ୟ ଯାଇଥିଲା। ହେଲେ ସେହି ସମୟରେ ଜଣେ ଯୁବ ମିଲିଟାରୀ କମାଣ୍ଡାଣ୍ଟ ଦେଶ ପାଇଁ ଶହୀଦ ହୋଇଥିଲେ। ତାଙ୍କ ବିଷୟରେ ସେଭଳି କେଉଁଠି ବିଶେଷ ଆଲୋଚନା ହେଉ ନ ଥାଏ। ଜେଜେ କହିଲେ, ଆଖିମରା ହିରୋଇନ୍‌ଙ୍କ ନାମଟା ମନେ ରହିଯିବ। ଶହୀଦମାନଙ୍କ ନାମ କେତେଜଣ ମନେ ରଖିବେ? ସ୍ୱାଧୀନତା, ଗଣତନ୍ତ୍ର ଦିବସ ଉପରେ ସ୍କୁଲ କଲେଜପଢୁଆ ପିଲାମାନଙ୍କୁ ଦୁଇପଦ କହିବାକୁ କହିଲେ ମୁହଁ ମୋଡ଼ିବେ। ଗାନ୍ଧୀ, ଗୋପବନ୍ଧୁ, ନେତାଜୀଙ୍କ ଜନ୍ମ ତାରିଖ ଜାଣି ନ ଥିବେ। ନିଜ ବାପାଙ୍କର ବାପା ନାମଟି ଭାବିକି କହୁ କହୁ ବି ଭୁଲ୍ ହେଉଥିବ, କିନ୍ତୁ ପିଲାମାନଙ୍କର କେତେକ ଅନାବଶ୍ୟକ ତଥ୍ୟ ଠିକ୍ ମନେ ରହୁଥିବ। ଆଗ ସମୟରେ ଗାଁ ସାହିବସ୍ତିମାନଙ୍କରେ ଯେଉଁ ଲୋକଟା ନିଶାପାଣି ସେବନ, ଚୋରି କରୁଥିଲା ସେ ସମାଜ ଆଗରେ ଘୃଣ୍ୟ ହେଉଥିଲା। ତା' ସହିତ ଗାଁ ଲୋକମାନେ ବିଶେଷ ମିଳାମିଶା କରୁ ନ ଥିଲେ। ହେଲେ ସମୟ ବଦଳିଯାଇଛି। ଆଜିକାଲି ଏ ସବୁଠାରୁ ଯିଏ ଦୂରେଇ ରହୁଛି, ସେ ଏକ ପ୍ରକାର ସମାଜରେ ବାଛନ୍ଦ ଭଳିଆ ଚଳୁଛି।

ଅସାମାଜିକତାକୁ ପ୍ରତିରୋଧ କରାଯାଉ ନାହିଁ, ଯିଏ ପ୍ରତିରୋଧ କରୁଛି ତାକୁ ସହଯୋଗ ବି ନାହିଁ, ବରଂ କେତେକ କ୍ଷେତ୍ରରେ ପ୍ରୋତ୍ସାହିତ କରାଯାଉଛି। ଦେଖୁନାହାନ୍ତି ଆଳୁ, ପିଆଜ, ଡାଲି, ଚାଉଳ, ପେଟ୍ରୋଲ, ଡିଜେଲ ଆଦି ଦରବୃଦ୍ଧି ଘଟିଲେ ପ୍ରତିବାଦ, ଆନ୍ଦୋଳନ ରାସ୍ତାରୋକୋ ହୁଏ। ଦିନେ ଦିନେ ସହର ବଜାର ବି ବନ୍ଦ କରାଯାଏ, ହେଲେ ମଦ, ଗଞ୍ଜେଇ, ବ୍ରାଉନସୁଗାର, ତାଡ଼ି ପରି ନିଶାଦ୍ରବ୍ୟଗୁଡ଼ିକର ଯେତେ ଗୁଣ ଦାମ୍ ବଢିଲେ ବି ସମାଜରେ ଚାହିଦା ଅଛି ଏବଂ ସେଥିପାଇଁ ପ୍ରତିବାଦ ନାହିଁ।

ଦିନକର ଘଟଣା। ଶିକ୍ଷକ ମଦ ଦୋକାନକୁ ଯାଇ କହିଲେ, ଯେଉଁ ନୂଆ ବ୍ରାଣ୍ଡ୍‌ଟା କହିଥିଲି ରଖିଛ? ଦୋକାନୀ କହିଲା, ଆପଣ ଯାହାଙ୍କୁ ପଠାଇଥିଲେ ତାଙ୍କ ହାତରେ ଦେଇଦେଇଛି। ମୁଁ ତ କାହାକୁ ପଠେଇ ନ ଥିଲି। ଆପଣ ଯେଉଁ ଛାତ୍ର ଦୁଇଜଣଙ୍କୁ ପଠାନ୍ତି ସେମାନେ ତ ଆସି ଆପଣଙ୍କ କଥା କହି ନେଇଗଲେ। ଶିକ୍ଷକ ନିଜ ମୋବାଇଲରୁ ଫୋନ୍ କଲେ ସେହି ହାତବାରିଶି ଦୁଇ ଗୁରୁଭକ୍ତ ଛାତ୍ରଙ୍କ ପାଖକୁ। ଛାତ୍ରମାନେ ଉତ୍ତର ଦେଲେ- ସାର୍, ଆଜିକା ଜିନିଷଟା ନିୟୁ ବ୍ରାଣ୍ଡ୍ ହୋଇଥିବାରୁ ଲୋଭ ସମ୍ଭାଳି ପାରିଲୁ ନାହିଁ। ଆମେ ପିଇଦେଇଛୁ। କିଛି ମାଇଣ୍ଡ୍ କରିବେ ନାହିଁ। ଶିକ୍ଷକ ବାଉଳିଚାଉଳି ହୋଇ କହିଲେ, ପିଲାଗୁଡ଼ାକ ଆଉ ବାଟରେ ନାହାନ୍ତି। ଏତେ ବାଲୁଙ୍ଗା ହୋଇଗଲେ!

ଗାଁ ଛକ ପାନଦୋକାନୀ ବାବୁଲି ଦାଣ୍ଡରେ ଯାଉ ଯାଉ ଅଟକିଗଲା। ସାରା ଦୁନିଆର ବ୍ରେକିଂ, ହେଡ଼ିଂ, ସ୍କ୍ରୋଲିଂ ଖବର ତା' ମୁହଁରୁ ଅନର୍ଗଳ ବାହାରିଥାଏ। କେମିତି ନ ବାହାରିବ! ତା' ଦୋକାନ ଆଗରେ ଯେଉଁ ବେଞ୍ଚ ଖଣ୍ଡକ ପଡ଼ିଛି ସେଇଠି ତ ସବୁ ପ୍ରକାର ଲୋକ ବସନ୍ତି। ଦେଶଦୁନିଆର ସବୁ ଖବର ସେଠି ଆଲୋଚନା ହୁଏ। ବାବୁଲି କହିଲା- ମିଶ୍ର ମଉସା, ମୋ ବାପା ଚାଷ ଋଣ ଶୁଝି ପାରିଲେ ନାହିଁ। ଗ୍ରାମସଭାରେ ଢେଙ୍ଗୁରା ପିଟି ବାପାଙ୍କୁ ବ୍ୟାଙ୍କବାଲା ଅପମାନିତ କଲେ। ଘର ଜମିବାଡ଼ି କୋରକ ପାଇଁ ଢେଙ୍ଗୁରା ପିଟା ହେଲା। ନୋଟିସ୍ ଘର ଆଗରେ ଝୁଲେଇ ଦେଲେ। ବାପାଙ୍କୁ ବହୁତ ବାଧିଲା। ସେ ସମୟରେ ଲଗାତର ମରୁଡ଼ି ଯୋଗୁ ଚାଷ ଉଜୁଡ଼ି ଯାଉଥାଏ। ପେଟ ପାଇଁ ଖାଦ୍ୟ ନ ଥାଏ ଋଣ ଶୁଝାହେବ କିପରି? ବଳଦ ହଳେ, ଗାଈ ବିକି ବାପା ଋଣ ଶୁଝିଲେ। ସେହି ବର୍ଷ ଚାଷ ବି ବନ୍ଦ ହୋଇଗଲା। ହେଲେ ଆଜିକାର ବିଜୟ ମାଲ୍ୟା, ନୀରବ ମୋଦି, ବିକ୍ରମ କୋଠାରୀଙ୍କ ପରି ବଡ଼ ବଡ଼ ଲୋକ ଋଣ ଆଳରେ ହଜାର ହଜାର କୋଟି ଟଙ୍କା ଦେଶରୁ ଲୁଟିଲେ। ଭାଗଚାଷୀଟିଏ ଋଣ ନେବା ପାଇଁ ଆଇନ ଗଢା ହୋଇପାରୁନାହିଁ। ବେକାରି ପିଲାଟା ଛୋଟମୋଟ ଧନ୍ଦା ପାଇଁ ବ୍ୟାଙ୍କକୁ ଗଲେ ଘର ଚୁଲିରୁ ଚାଳ, ବାପ ସାତପୁରୁଷଙ୍କ ରେକର୍ଡ ଯାଞ୍ଚ ହେଉଛି। ହେଲେ ଏହି ବଡ଼ ବଡ଼ ଠକମାନେ ଦେଶର ହଜାର ହଜାର କୋଟି ଟଙ୍କା ଠକି ଚାଲିଯାଉଛନ୍ତି କିପରି? ସରକାରୀ ବାବୁମାନେ କେମିତି ଜାଣିପାରୁନାହାନ୍ତି? ଶହ ଶହ ଚୋର ଗଲେ ବି ବୁଦ୍ଧି ପଶୁନି। କେତେଥର ଆଉ ନେଡ଼ିଗୁଡ଼ କହୁଣିକି ବୋହିବ? କି ପ୍ରକାର ମଧୁଚନ୍ଦ୍ରିକାରେ ଲୁଟ୍ ଚାଲିଛି। ସ୍ୱାଧୀନତା ପୂର୍ବରୁ ମୋଗଲ୍, ଇଂରେଜ ବାହ୍ୟ ଶତ୍ରୁରାଷ୍ଟ୍ର ଖଣ୍ଡା ବନ୍ଧୁକ ଦେଖାଇ ଆକ୍ରମଣ କରି ଦେଶରୁ ଅଜସ୍ର ଲୁଟିଥିଲେ। ସ୍ୱାଧୀନତା ପରେ ବି କିଛି ବିଶ୍ୱାସଘାତକ, ଦେଶଦ୍ରୋହୀ, ଭ୍ରଷ୍ଟାଚାରୀ ନେତା, ଅଫିସର, ଛଦ୍ମବେଶୀ ବେପାରୀ ଜାଲିଆତି କରି କଲମମୁନରେ ଦେଶର ସମ୍ପଦ ଲୁଟି ଚାଲିଛନ୍ତି।

ଏହି ସମୟରେ ଗାଁ ଦାଣ୍ଡରେ ମହିଳାମାନଙ୍କ ଶୋଭାଯାତ୍ରା ଆସୁଥିଲା। ନାରୀ ନେତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳାମାନେ ସ୍ଲୋଗାନ ଦେଇ କହୁଥାନ୍ତି ପାଗଳୀକୁ ନ୍ୟାୟ ମିଳୁ। ଅର୍ଥାତ୍ କିଛି ଦିନ ଧରି ପାଖ ବଜାରରେ ଜଣେ ପାଗଳୀ ବୁଲାବୁଲି କରୁଥିଲା। କ'ଣ ଖାଏ, କେଉଁଠି ଶୁଏ, କେହି ତା' କଥା ବୁଝନ୍ତି ନାହିଁ। କାଲି ରାତିରେ ସେ ଗଣବଳାତ୍କାରର ଶିକାର ହୋଇଛି। ଜେଜେ କପାଳରେ ହାତମାରି କହିଲେ ହାୟରେ! କ'ଣ ବେଳକାଳ ହେଲା, ଶେଷରେ ପାଗଳୀଟା ବି ବାଦ୍ ପଡ଼ିଲା ନାହିଁ। ମଣିଷ ଭିତରୁ କେମିତି ମଣିଷପଣିଆଟା ମରିଯାଉଛି!

ଧାମନଗର, ଭଦ୍ରକ, ମୋ-୯୯୩୮୦୮୦୨୯୪

# ଜଙ୍ଗଲ ନିଆଁ: କାରଣ ଓ ନିରାକରଣ



ଅଲେଖ ଚନ୍ଦ୍ର ସାମଲ

ସର୍ବଭାରତୀୟ ସ୍ତରରେ ଜଙ୍ଗଲ ନିଆଁରେ ଛତିଶଗଡ଼ର ସ୍ଥାନ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ସର୍ବଭାରତୀୟ ଫରେଷ୍ଟ ଷ୍ଟାଟିଷ୍ଟିକ୍ସ ବ୍ୟୁରୋ ଏପ୍ରିଲ ୨୪ ତାରିଖ ସୁଦ୍ଧା ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାର ସ୍ଥାନ ଦ୍ୱିତୀୟ ରହିବା ସହ ୨୩୪୯ଟି ଜଙ୍ଗଲରେ ନିଆଁ ଲାଗିବା ମାମଲା ରହିଛି। ୨୨୩୮ଟି ମାମଲା ଥିବା ମଧ୍ୟପ୍ରଦେଶର ସ୍ଥାନ ତୃତୀୟ। ସମ୍ପ୍ରତି ଲୋକ ସଭାରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୧୩ରୁ ୨୦୧୬, ୨୪ ଏପ୍ରିଲ ସୁଦ୍ଧା ଦେଶରେ ୭୪୧୦୯ଟି ଜଙ୍ଗଲରେ ନିଆଁ ଲାଗିବା ଘଟଣା ପଞ୍ଜୀକୃତ ହୋଇଛି।

ବାତ୍ୟା ଫନୀ ପରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ଅନେକ ସ୍ଥାନରେ ଅସଂଖ୍ୟ ଛୋଟବଡ଼ ଗଛ ଭୂମିସାତ୍ ହୋଇଯାଇଛି। ପ୍ରଖର ଖରାରେ ସେଗୁଡ଼ିକ ଭୂମିରେ ପଡ଼ି ଶୁଖିଯିବାରୁ କେହି କେହି ଜାଳେଣି ଭାବେ ଏହାକୁ ବ୍ୟବହାର ନ କରି ବରଂ ନିଆଁ ଲଗାଇ ଦେଉଛନ୍ତି, ଯାହାକି ଭୟାନକ ତାତି ସୃଷ୍ଟି କରିବା ସହ ପରିବେଶକୁ ଉତ୍ତପ୍ତ କରିଦେଉଛି। ଜଙ୍ଗଲ ନିଆଁରେ ସାରା ରାଜ୍ୟ ଅଂଶୁଘାତ ତାତି ସହ ଭୟାନକ ଦାବାନଳର ଲେଲିହାନ ଆଁ ଭିତରେ। ୪୦ଡିଗ୍ରୀ ଉପରେ ପ୍ରାୟତଃ ରହୁଥିବା ଗ୍ରୀଷ୍ମର ଅସହ୍ୟ ତାତି ସହ ଜଙ୍ଗଲ ନିଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପ୍ରତିବର୍ଷ ଏହି ଗ୍ରୀଷ୍ମ ସମୟରେ ରାଜ୍ୟର ବିଭିନ୍ନ ପ୍ରମୁଖ ଜଙ୍ଗଲରେ ନିଆଁ ଲାଗେ। ଜଙ୍ଗଲ ବିଭାଗ, ସ୍ଥାନୀୟ ପ୍ରଶାସନ ଉଦ୍ୟମ କରି କିଛିଟା ପ୍ରଶମିତ କରିଥାନ୍ତି। କିନ୍ତୁ ଗତ ବର୍ଷ ଓଡ଼ିଶା ଜଙ୍ଗଲ ନିଆଁରେ ଭାରତରେ ଦ୍ୱିତୀୟ ସ୍ଥାନର କୁଖ୍ୟାତି ଅର୍ଜିଛି। ଓଡ଼ିଶାର ଜଙ୍ଗଲରେ ହଜାର ହଜାର ହେକ୍ଟର ପରିମିତ ସ୍ଥାନରେ ଔଷଧୀୟ ବୃକ୍ଷ ରହିଛି। ଏଥିସହିତ ମୟୂରଭଞ୍ଜ, କନ୍ଧମାଳ, ବଲାଙ୍ଗୀର, ଢେଙ୍କାନାଳରେ ଜଙ୍ଗଲ ନିଆଁ ଗ୍ରାମବସତିକୁ ମାଡ଼ି ଆସି କିଛି ଘର ମଧ୍ୟ ତା'ପେଟ ଭିତରେ ସ୍ୱାହା କରିସାରିଲାଣି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର ପ୍ରଦତ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୬୦ଟି ବନ ଡିଭିଜନ ଭିତରୁ ଦଶଟି ଅଧିକ ସମ୍ବେଦନଶୀଳ ରହିଛି। ପ୍ରତିବର୍ଷ ନୟାଗଡ଼, କନ୍ଧମାଳ, ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ମୟୂରଭଞ୍ଜ ପରି ଦଶଟି ବନଖଣ୍ଡରେ ନିଆଁ ଲାଗିଥାଏ ଏବଂ ଏହାକୁ ନେଇ ଜଙ୍ଗଲ ବିଭାଗ ମଧ୍ୟ ସେହି ଅନୁରୂପରେ ପ୍ରସ୍ତୁତି ରଖିଥାଏ। ତେବେ ପ୍ରତିବର୍ଷ ଏହାର ଆୟତନ ଓ କ୍ଷେତ୍ରଫଳ ବଢୁଛି, ଯାହାକି ସବୁ ମହଲରେ ଉଦ୍‌ବେଗକୁ ବଢ଼ାଉଛି। ପରିବେଶ ବିଜ୍ଞାନୀଙ୍କଠାରୁ ଉଦ୍ଭିଦବିଜ୍ଞାନୀ ଆଉ ପଶୁପ୍ରେମୀଙ୍କ ଭିତରେ ଏ ନେଇ ଉଦ୍‌ବେଗ ବଢୁଥିଲେ ବି ପ୍ରଶାସନିକ କ୍ଷେତ୍ରରେ ନିଦାବିଷ୍ଟୁ ଚିନ୍ତନ ସେମାନଙ୍କର ଅସହାୟତାକୁ ପ୍ରକାଶ କରୁଛି। ଗତ ଏକମାସ ଭିତରେ ରାଜ୍ୟର ବିଭିନ୍ନ ଜଙ୍ଗଲର ପ୍ରାୟ ୨୫୦ଟି ସ୍ଥାନରେ ନିଆଁ ଲାଗିଛି। ମୂଲ୍ୟବାନ ବୃକ୍ଷରାଜି ସହ ଔଷଧୀୟ ଓ ଦୁଷ୍ପ୍ରାପ୍ୟ ଗଛ ଏବଂ ଛୋଟବଡ଼ ବିଭିନ୍ନ ପ୍ରଜାତିର ସରୀସୃପ ପୋଡ଼ି ନଷ୍ଟବିନଷ୍ଟ ହେଉଛନ୍ତି। ସ୍ୱାଭାବିକ ଭାବେ ହାତୀ, ଜଙ୍ଗଲୀ ବାର୍ହା, ଭାଲୁ, ହେଟାବାଘ ଓ କେତେକ କ୍ଷେତ୍ରରେ ବାଘ ମଧ୍ୟ ଏହି ତାପକୁ ସହି ନ ପାରି ଜନବସତିମୁହାଁ ହେଉଛନ୍ତି, ଯାହା ପାଇଁ ସାଧାରଣରେ ଭୟାନକ ପରିସ୍ଥିତି ସୃଷ୍ଟି ହେଉଛି। ସରକାରୀ ତଥ୍ୟ ଅନୁଯାୟୀ ସାରା ରାଜ୍ୟରେ ନିଆଁ ଲିଭାଇବା ପାଇଁ ୨୧୬ଟି ଫାୟାର ସ୍କ୍ୱାଡ୍ ନିୟୋଜିତ ହେବା ସହ ୧୨,୫୬୨ ବନ ସୁରକ୍ଷା ସମିତି ସହାୟତାରେ ବ୍ୟାପକ କାର୍ଯ୍ୟକ୍ରମ ନିଆଯାଉଛି।

ପରିବେଶବିତ୍‌ଙ୍କ ମହଲରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଗତବର୍ଷ ଏଲ୍‌ନିନୋ ପ୍ରଭାବ ଯୋଗୁ ଚଳିତବର୍ଷ ତାପମାତ୍ରା ବଢ଼ିଛି, ଯାହାର ପ୍ରଭାବରେ ଜଙ୍ଗଲରେ ନିଆଁ ଲାଗୁଛି। କେତେକ କ୍ଷେତ୍ରରେ ଗଛରେ ଗଛ ଘଷିହେବା ସହ ପତ୍ରରେ ନିଆଁ ଲାଗି ଜଙ୍ଗଲକୁ ବ୍ୟାପୁଛି, ଆଉ କେତେକ କ୍ଷେତ୍ରରେ ସ୍ଥାନୀୟ ଆଦିବାସୀମାନେ ସେମାନଙ୍କର ଲୋକବିଶ୍ୱାସକୁ ନେଇ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ସେହିପରି ଆଉ କେତେକ କ୍ଷେତ୍ରରେ କିଛି ଅସାମାଜିକ ଲୋକ ଜଙ୍ଗଲରେ ମଉଜମଜ୍‌ଲିସ୍ କରି ନିଆଁ ପକାଉଥିବାରୁ ଏହା ବ୍ୟାପିଥାଏ। ଶିକାରୀମାନେ ମଧ୍ୟ ଜଙ୍ଗଲରେ ନିଆଁ ଲଗାଇ ଜନ୍ତୁ ଶିକାର କରୁଥିବାର ନଜିର ରହିଛି। କେତେକ କ୍ଷେତ୍ରରେ ବନ କର୍ମଚାରୀ ଓ ଶିକାରୀଙ୍କ ଭିତରେ ସଲାସୁତରା ନେଇ ଜଙ୍ଗଲ ନିଆଁ ବଢୁଥିବାର ଅଭିଯୋଗ ହେଉଛି। ଜଙ୍ଗଲରେ ପ୍ରତିବର୍ଷ ନିଆଁ ଲାଗି ବ୍ୟାପକ ଜଙ୍ଗଲ ସମ୍ପତ୍ତି ନଷ୍ଟ ହେବା ସହ ପ୍ରାକୃତିକ ପରିବେଶ ଯେପରି ପ୍ରଦୂଷଣକୁ ସାମ୍ନା କରୁଛି ତାହା ଅଚିନ୍ତନୀୟ। ନିଆଁ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ପୃଥିବୀର ବିଭିନ୍ନ ରାଷ୍ଟ୍ର ଯଥା ମ୍ୟାନ୍‌ମାର, ଚାଇନା, ରୁଷ, ଆମେରିକା ଓ ଜାପାନରେ ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ସେ ସବୁ ଆପଣାଇବାର ସମୟ ଆସିଛି। ସେହିପରି ନିଆଁ ଲିଭାଇବାର କୌଶଳ ମଧ୍ୟ ସ୍ଥାନୀୟ ଆଦିବାସୀଙ୍କ ସହ ଜଙ୍ଗଲ ସନ୍ନିକଟ ଅଧିବାସୀଙ୍କୁ ଶିଖାଇବା ଜରୁରୀ। ଯେଉଁମାତ୍ରାରେ ଦିନକୁ ଦିନ ଗଛ କଟାଯାଇ ବଡ଼ ବଡ଼ ସୁରମ୍ୟ ଅଟ୍ଟାଳିକା ତିଆରି ହେଉଛି ସେ କ୍ଷେତ୍ରରେ କେତେ ପରିମାଣର ବୃକ୍ଷରୋପଣ ହେଉଛି?

ଜଙ୍ଗଲ କ୍ଷେତ୍ର ଛାଡ଼ନ୍ତୁ ସହରାଞ୍ଚଳରେ ଛୋଟବଡ଼ ଗଛ ରହିଥିବା ସ୍ଥାନରେ ଆମର ଅଳିଆ ଆବର୍ଜନାକୁ ସଫା କରିବା ନାମରେ ଯେଉଁ ନିଆଁ ଲଗାଯାଉଛି, ତାହାଦ୍ୱାରା ସହରାଞ୍ଚଳର ଛୋଟ ଛୋଟ ଗଛ ପୋଡ଼ି ନଷ୍ଟ ହେଉଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଏହାର ଅନୁଭୂତି କିଛି କମ୍ ନୁହେଁ। ତେଣୁ ସମୟ ଆସିଛି ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱକୁ ଦୃଢ଼ୀଭୂତ କରିବା। ନଚେତ୍ ଜଙ୍ଗଲ ନିଆଁ ସହରାଞ୍ଚଳକୁ ମାଡ଼ି ଆସିବାର ସମୟ ଆଉ ବେଶି ଦୂର ନୁହେଁ?

ସହକାରୀ ବନ ସଂରକ୍ଷକ,
ରାୟଗଡ଼ା, ବନଖଣ୍ଡ, ରାୟଗଡ଼ା,
ମୋ-୯୪୩୭୨୫୭୧୨୩

## ଏଇ ଭାରତରେ

ପଇସାପତ୍ର ଅଭାବରୁ ଏକ ବୃଦ୍ଧ ଦମ୍ପତି ପରିଣତ ବୟସରେ ବାହା ହୋଇଛନ୍ତି। ତାହା ପୁଣି ବୟସ୍କ ଝିଅପୁଅ ଏବଂ ନାତୁଣୀନାତିଙ୍କ ମେଳରେ। ସେମାନେ ଏକତ୍ର ୫୦ ବର୍ଷ ହେଲା ରହିଆସୁଛନ୍ତି। ଏପରି ଏକ ଘଟଣା ଘଟିଛି ଗୁଜରାଟର ଉଦୟପୁରରେ। ଉଦୟପୁର ଅନ୍ତର୍ଗତ ଲାମ୍ବାଡିଆସ୍ଥିତ ମାଲବାସରେ ସମ୍ପନ୍ନ ହୋଇଛି ଏହି ବୟସ୍କ ବିବାହ। ୭୫ବର୍ଷ ବୟସ୍କ ଗମନା ସୋଲାଙ୍କି ୬୮ବର୍ଷ ବୟସ୍କା ବଞ୍ଜାରୀ ଦେବୀଙ୍କୁ ଧୁମ୍‌ଧାମରେ ବିବାହ କରିଛନ୍ତି। ଗମନାଙ୍କୁ ୨୫ବର୍ଷ ହୋଇଥିବାବେଳେ ସେ ବଞ୍ଜାରୀଙ୍କ ସହିତ ଲିଭ୍‌ଇନ୍‌ରେ ରହିବା ଆରମ୍ଭ କରିଥିଲେ। ସେତେବେଳେ ବଞ୍ଜାରୀଙ୍କୁ ୧୮ ବର୍ଷ ହୋଇଥିଲା। ଅର୍ଥାଭାବରୁ ସେମାନେ ବିବାହ କରିପାରି ନ ଥିଲେ। ଇତିମଧ୍ୟରେ ସେମାନଙ୍କ ୫ ପୁଅ ବାହା ହୋଇ ଘରକୁ ବୋହୂ ଆଣିଛନ୍ତି। ୨ ଝିଅଙ୍କ ବିବାହ ମଧ୍ୟ ହୋଇଯାଇଛି। ବୟସ୍କା ଦମ୍ପତି ନାତୁଣୀନାତି ମଧ୍ୟ ଦେଖିଲେଣି। ଏତେ ଦିନ ପରେ ବୃଦ୍ଧ ଦମ୍ପତିଙ୍କ ବିବାହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହେବା ସହିତ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୯୪

- ବିକ୍ରିକର ଓ ଏକକ ବିକ୍ରିକର ପରିବର୍ତ୍ତେ ସମଗ୍ର ଦେଶରେ ମୂଲ୍ୟଭିତ୍ତିକ ଟିକସ (ଭାଟ୍) ପ୍ରଚଳନ ପାଇଁ ଗତକାଲି ଅନୁଷ୍ଠିତ ଅର୍ଥମନ୍ତ୍ରୀ ସମ୍ମିଳନୀରେ ସହମତି ପ୍ରକାଶ ପାଇବା ପରେ ଏଥିପାଇଁ ୧୦ଟି ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଏକ କମିଟି ଗଢାଯାଇଛି।
- ବିଶ୍ୱବ୍ୟାଙ୍କର ଋଣ ଓ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେବାକୁ ଥିବା ରାଜ୍ୟ ସହରାଞ୍ଚଳ ବିକାଶ ପ୍ରକଳ୍ପରେ ଓଡ଼ିଶାର ୧୧ଟି ସହର ଅନ୍ତର୍ଭୁକ୍ତ କରାଯାଇଛି।

## ଚିରନ୍ତନୀ

ପ୍ରାସାଦ-କୁଟୀର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧି!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ ବାରତା-
ଲଭିପାରେ ଶାନ୍ତି ଧରା ନ ଗଡାଇ ପୁଞ୍ଜିପତି ମଥା।
(ଜାଗ ଜାଗ ଗାନ୍ଧି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଘାସମରା ବିଷ ବଳୟରେ ମଣିଷ

ମହାଶୟ,

ଅଧୁନା ଚାଷ ସମୟରେ ଜମିରେ ବଢୁଥିବା ଘାସ ମାରିବା ପାଇଁ ଚାଷୀ 'ଗ୍ଲାଇଫସେଟ୍' ନାମକ ଔଷଧ ପ୍ରୟୋଗ କରି ନିଜ ଜୀବନ ତଥା ଜନସାଧାରଣଙ୍କ ପାଇଁ ଅଶେଷ କ୍ଷତି ପହଞ୍ଚାଉଛି। ଏହି ବିଷ ପ୍ରଭାବରେ ମାରାତ୍ମକ କ୍ୟାନ୍‌ସର ହେବା ପ୍ରମାଣିତ। ଆହାର କଲା ସଂହାର। ଏଥିଯୋଗୁ ଜୈବବିବିଧତା ଆଜି ବିପନ୍ନ। ଆଧୁନିକ ଜ୍ଞାନକୌଶଳ ଜୈବିକ ପଦ୍ଧତିର ପଥରୋଧ କରୁଛି। ଶ୍ରମ ଉପଯୋଗ କରି ଜମିରୁ ଘାସ ଉପୁଡ଼ାଇବା ହିଁ ଠିକ୍। ଚାଷୀକୁଳର ମାନସିକତାରେ ପରିବର୍ତ୍ତନ ଆସୁ। ଦେଶ ତଥା ରାଜ୍ୟର କୃଷି ମନ୍ତ୍ରଣାଳୟ ଏ ଦିଗରେ ସମୁଚିତ ଧ୍ୟାନ ଦେଉ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଲାଞ୍ଚୁଆ ଅଫିସରଙ୍କୁ ବହିଷ୍କାର କରାଯାଉ

ଯେଉଁମାନେ ଏ ରାଜ୍ୟର ରକ୍ଷକ, ସେହିମାନଙ୍କର ଦୁର୍ଗୁଣ ବେଶ୍ ପରିଲକ୍ଷିତ ହେଉଛି। ସରକାରଙ୍କଠାରୁ ସେମାନେ କ୍ଷମତା ପାଇଛନ୍ତି ସୁଶାସନ କରିବା ପାଇଁ। ଅଥଚ ସେମାନଙ୍କର କୁଶାସନ ଜନସମାଜକୁ ଉଚ୍ଛନ୍ନ କରିପକାଉଛି। ପୋଲିସ ସମାଜରେ ଶୃଙ୍ଖଳା ରଖିବା କଥା। ସେମାନଙ୍କର ନାଲିଆଖି ଲୋକଙ୍କୁ ଭୟଭୀତ କରୁଛି। ଲୋକଙ୍କୁ ନ୍ୟାୟ ମିଳୁନାହିଁ। ଅନେକ ସମୟରେ ସେମାନେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଧରାପଡ଼ି ନିଲମ୍ବିତ ହେଉଛନ୍ତି। ପୁଣି ପୁନର୍ନିଯୁକ୍ତି ପାଇ ସେହି ଚୌକିରେ ବସି ରାଜ୍ କରୁଛନ୍ତି। ନା ସେମାନଙ୍କର ଡରଭୟ ଅଛି ନା ପଶ୍ଚାତ୍ତାପ। ଯଦି ସେମାନଙ୍କୁ ବହିଷ୍କାର କରାଯାନ୍ତା ତେବେ ସେମାନେ ଏପରି କାମ କରିବାକୁ ମନ ବଳାନ୍ତେ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସଂସ୍କାର ଅଣାଯାଉ

ଆଜିକାଲି ସିନେମା ଜଗତ ଦ୍ୱାରା ଅଧିକ ସଂଖ୍ୟାରେ ପ୍ରେମଜନିତ ନଗ୍ନ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଛି, ଯାହାକୁ ଦେଖି ବିଶେଷକରି ଆମର ଯୁବସମାଜ ବିଭ୍ରାନ୍ତ ଓ ବିପଥଗାମୀ ହେଉଛନ୍ତି ଏବଂ ଅନେକ ପ୍ରକାର ଅସାମାଜିକ ଓ ପାପ କାର୍ଯ୍ୟ କରୁଛନ୍ତି, ଯାହା ପୂର୍ବକାଳ ବା ସମୟ ଅପେକ୍ଷା ଯଥେଷ୍ଟ ଅଧିକ। ତେଣୁ ଚଳଚ୍ଚିତ୍ର ନିର୍ମାତାମାନେ ସମାଜ ଏବଂ ଦେଶର ମଙ୍ଗଳ ପାଇଁ ଅଧିକ ସଂଖ୍ୟାରେ ସାମାଜିକ, ପୌରାଣିକ ଓ ବାସ୍ତବବାଦୀ ବା ବାସ୍ତବଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରନ୍ତୁ, ଯାହାକୁ ଦେଖି ଲୋକେ ପ୍ରକୃତ ଉପକୃତ ହେବେ ଏବଂ ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହି ରାଜ୍ୟ ତଥା ଦେଶର ହିତ ସାଧନରେ ଅଧିକ ମନୋଯୋଗ ଦେବେ।

ଡା. ଅଜିତ୍ ବେଉରା, ତାଳପଡ଼ା, ରାହାମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁର୍ଘଟଣାରେ ସମବାୟ ସମ୍ପାଦକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ/ରାଜନଗର (ଡି.ଏନ୍.ଏ.), ୨୮।୫: ରାଜନଗର ବ୍ଲକ ଈଶ୍ୱରପୁର କୃଷି ସମବାୟ ସମିତି ସମ୍ପାଦକ ଅକ୍ଷୟ କୁମାର ବେହେରା (୫୮) ମଙ୍ଗଳବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଅକ୍ଷୟ ବାଇକ୍ ଯୋଗେ ରାଜନଗର ବ୍ଲକ ଅଞ୍ଚଳରୁ ନିଜ ଗ୍ରାମ ସଦର ଥାନା କାଉପଡ଼ା ପଞ୍ଚାୟତ ବାଘିଲୋବାବନପୁରକୁ ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ଗରୁଆଳ ହଳଦିଢିହ ଛକ ନିକଟରେ ଏକ ବାଇକ ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଅକ୍ଷୟ ଓ ଅନ୍ୟ ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଅକ୍ଷୟଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ ଜଣଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକ ଦ୍ୱୟକୁ ଜବତ କରିଛି। ଏ ନେଇ ଥାନାରେ ୧୪୦/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଦୁର୍ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗରୁତର ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ।

### ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

କେନ୍ଦ୍ରାପଡା ଅଫିସ,୨୮।୫ :ସହରସ୍ଥ ଫକିରାବାଦ ଗ୍ରାମର ବ୍ୟବସାୟୀ ମୀର ନବିଉଲ୍ଲା (୭୦)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ଜଣେ ପରୋପକାରୀ ଓ ସମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରୀତି ନୀତି ଅନୁଯାୟୀ ତରାବି ନମାଜ ପରେ ଜନାଜା କରାଯାଇ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି।

### ୧୯୯୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ଡେରାବିଶ, ୨୮।୫ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର ହାଇସ୍କୁଲର ୧୯୯୯ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ଶକ୍ତିଶେଖର ରାଉତ, ଯୋଗେଶ ପ୍ରସାଦ ଘୋଷାଲ, ସୁରେନ୍ଦ୍ର ନାୟକ, ବୈକୁଣ୍ଠ ନାୟକ, କ୍ଷେତ୍ରବାସୀ ସାହୁ, କୁସୁମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ପୁରାତନ ଛାତ୍ର ଅଜିତ୍ ସାହୁ, ଦେବୀ ପ୍ରସାଦ ପଣ୍ଡା, ମନୋଜ ମିଶ୍ର, ଚନ୍ଦ୍ରଶେଖର ବେହେରା, ବିଶ୍ୱନାଥ ପୋଥାଳ, ସୂର୍ଯ୍ୟମଣୀ ମଲ୍ଲିକ, ଭଗବାନ ମଲ୍ଲିକ, ଛାତ୍ରୀ ପ୍ରିୟମ୍ବଦା ନାୟକ ପ୍ରମୁଖ ପୁରୁଣା ଦିନର ଶିକ୍ଷାଦାନ ଓ ସ୍କୁଲ ବେଳର ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲର ଉନ୍ନତି ପାଇଁ ଏକ ପାଣ୍ଠି ଗଢ଼ିବା ପାଇଁ ସ୍ଥିର କରାଯାଇଥିଲା।

# ପ୍ରଦୂଷଣ ବଳୟରେ ଜାତୀୟ ଉଦ୍ୟାନ

- ଜାତୀୟ ଉଦ୍ୟାନ ସଂଲଗ୍ନରେ ବଢ଼ୁଛି ଚିଙ୍ଗୁଡ଼ି ଘେରି
- ବିଷାକ୍ତ ହେଉଛି ନଦୀ ଜଳ, ପିଇବା ପାଣି

କେନ୍ଦ୍ରାପଡା ଅଫିସ, ୨୮।୫

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ବିଭିନ୍ନ କାରଣରୁ ସଙ୍କୁଚିତ ହେବା ସହ ପ୍ରଦୂଷଣ ବଳୟକୁ ଠେଲି ହୋଇଯାଉଛି। ଏପରି ଧାରା ଜାରି ରହିଲେ କିଛିବର୍ଷ ପରେ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତା ହରାଇବା ସହ ଜିଲାର ପର୍ଯ୍ୟଟନ ଶିଳ୍ପ ବିପର୍ଯ୍ୟସ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୬ରେ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦେବା ପାଇଁ ୟୁନେସ୍କୋ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଭିତରକନିକା ସୀମା ସରହଦରେ ବାଂଲା ଶରଣାର୍ଥୀଙ୍କ ବସବାସ, ସେମାନଙ୍କ ଦ୍ୱାରା ହେନ୍ତାଳ ବଣ ନଷ୍ଟ, ଜାତୀୟ ଉଦ୍ୟାନ ସଂଲଗ୍ନରେ ଚିଙ୍ଗୁଡ଼ି ଚାଷ ଆଦି କାରଣ ବିଶ୍ୱ ଐତିହ୍ୟ ତାଲିକାରୁ ଭିତରକନିକାକୁ ବାଦ ପକାଇଥିଲା। ଏହି ସମସ୍ୟା ସାମ୍ପ୍ରତିକ ସମୟରେ ବଢ଼ି ଚାଲିଥିବା ବେଳେ ଭାରତର ଦ୍ୱିତୀୟ ସର୍ବବୃହତ ହେନ୍ତାଳବଣ ପ୍ରଦୂଷଣ ବଳୟକୁ ଠେଲି ହୋଇଯାଉଛି। ଯାହା ଏବେ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ସାଜିଛି।

ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ଭିତରକନିକା ଅଞ୍ଚଳରେ ୨୦୧୧ ମସିହାରେ ଏକ ସର୍ଭେ କରିଥିଲେ। ଏଥିରେ ଭୂତଳ ଜଳକୁ ପରୀକ୍ଷା କରି ଜାଣିଥିଲେ ଯେ, ଉପାନ୍ତ ଅଞ୍ଚଳରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ ପରିମାଣ ସାଧାରଣ ଜଳଠାରୁ ଢ଼େର ଅଧିକ ରହିଛି, ଯାହା ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରିବ। ୨୦୧୪ରେ ବାରିପଦାସ୍ଥ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ବି.ସି. ବେହେରା, ଭୁବନେଶ୍ୱରସ୍ଥିତ ଏମ୍‌ଆଇଟିଏସ୍ ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜିର ଆର୍.ଆର୍. ମିଶ୍ର, କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଏଚ୍.ଏନ୍. ଥାଟୋଇ, ବାଙ୍ଗାଲୋରସ୍ଥିତ ଆଇଆଇଏସର ଏସ୍.କେ. ଦତ୍ତା, ରାଉରକେଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଜେ.କେ. ପାତ୍ର ପ୍ରମୁଖ ଭିତରକନିକାସ୍ଥିତ ମହାନଦୀ ଡେଲଟା ଅଞ୍ଚଳ ଓ ଭିତରକନିକା ଅଞ୍ଚଳକୁ ସର୍ଭେ କରିଥିଲେ। ସେମାନଙ୍କ ମିଳିତ ରିପୋର୍ଟରେ କ୍ଲୋରାଇଡ, ଫସ୍‌ଫେଟ, ମ୍ୟାଗ୍ନେସିୟମ ସହ ଟିଡିଏସ (ଟୋଟାଲ ଡିଜଲଭଡ୍ ସଲିଡସ୍) ସ୍ଥାନୀୟ ଅଞ୍ଚଳରେ ବ୍ୟବହୃତ ଜଳରେ ବହୁ ପରିମାଣରେ ବୃଦ୍ଧି ପାଇଥିବା ଦର୍ଶାଇଥିଲେ।

ଏ ସମ୍ପର୍କରେ ମହାକାଳପଡ଼ାର ଲକ୍ଷ୍ମୀକାନ୍ତ ସ୍ୱାଇଁ କୁହନ୍ତି, ମହାକାଳପଡ଼ା ଅଞ୍ଚଳରେ ପ୍ରବାହିତ ନଦୀଜଳ ଏବେ ବିଷାକ୍ତ ହୋଇଯାଇଛି। ଏଥିରେ ଗାଧୋଇଲେ ଚର୍ମ ରୋଗ ହେଉଛି। ବଡିଘର ପଞ୍ଚାୟତବାସୀ ଏହି ଜଳକୁ ବହୁଳ ବ୍ୟବହାର କରୁଥିବାରୁ ଗତ ୪ ବର୍ଷ ମଧ୍ୟରେ ଏଠାକାର ବହୁ ଲୋକ କ୍ୟାନ୍‌ସର ରୋଗର ଶିକାର ହୋଇଥିବା ସୂଚନା ଅଛି। ନିକଟସ୍ଥ ଚିଙ୍ଗୁଡ଼ି ଘେରି ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରୁ ବାହାରୁଥିବା ବିଷାକ୍ତ ଧୂଆଁକୁ ଏହାର ପ୍ରକୃତ କାରଣ ବୋଲି ଲକ୍ଷ୍ମୀକାନ୍ତ କହିଛନ୍ତି। ଏ ନେଇ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ସେ ପ୍ରକାଶ କରିଛନ୍ତି। ସେହିପରି ପରିବେଶବିତ ହେମନ୍ତ କୁମାର ରାଉତ କୁହନ୍ତି, ଏହି ଅଞ୍ଚଳରେ ହେନ୍ତାଳବଣ ସଙ୍କୁଚିତ ହେଉଥିବା ବେଳେ ଏହାର ପ୍ରତିକାର କରାଯାଉନାହିଁ। ଫଳରେ ସମୁଦ୍ରର ଲୁଣାପାଣି ସ୍ଥାନୀୟ ଅଞ୍ଚଳ ମଧ୍ୟକୁ ପଶି ଆସୁଛି। ଏହା ବ୍ୟତୀତ ଚିଙ୍ଗୁଡ଼ି ଘେରି ପାଇଁ କେତେଜଣ ବ୍ୟକ୍ତି ବେଆଇନ ଭାବେ ନାଳ ଖୋଲି ଏହି ଅଞ୍ଚଳର ମଧୁର ଜଳକୁ ନଷ୍ଟ କରୁଛନ୍ତି। ଲୁଣା ପାଣି ଯୋଗୁ ପାନୀୟ ଜଳ ଏବେ ଅଞ୍ଚଳବାସୀ ପାଇବା କଷ୍ଟକର ହେଉଛି। ତୁରନ୍ତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହ ଅଧିକ ହେନ୍ତାଳବଣ ସୃଷ୍ଟି କରିବା ଆବଶ୍ୟକ ବୋଲି ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ପଚାରିବାରେ ଗତ ଜାନୁଆରୀ ମାସରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ସହିତ ପରିବେଶ ଓ ପରିମଳ ସମ୍ପର୍କରେ ଏକ ବୈଠକ ହୋଇଥିଲା। ଏଥିରେ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ନଦୀ ମଧ୍ୟକୁ ନ ଛାଡିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।

# ନୂତନ ବଦଳରେ ଛାତ୍ରୀଛାତ୍ରଙ୍କୁ ପୁରୁଣା ବହି ବଣ୍ଟନ




ପିଲାଙ୍କୁ ବଣ୍ଟାଯାଇଥିବା ପୁରୁଣା ବହି।

ପଟ୍ଟାମୁଣ୍ଡାଇ, ୨୮।୫ (ସ୍ୱ.ପ୍ର)

ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଶିକ୍ଷାବର୍ଷ ପାଇଁ ଅଷ୍ଟମ ଶ୍ରେଣୀର ବ୍ୟାକରଣ, ସାହିତ୍ୟ ଓ ସଂସ୍କୃତ ବହି ବଦଳି ଯାଇଛି । ମାତ୍ର ପଟ୍ଟାମୁଣ୍ଡାଇ ଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ପଢା ଯାଉଥିବା ବହିଗୁଡିକ ନିକଟରେ ଛାତ୍ରୀଛାତ୍ରମାନଙ୍କୁ ବଣ୍ଟନ କରାଯାଉଛି । ନୂତନ ପାଠ୍ୟକ୍ରମରେ ନୂଆ ବହି ବଣ୍ଟନ କରାଯିବା ପରିବର୍ତ୍ତେ ପୁରୁଣା ବହି ଦିଆଯିବାରୁ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଭ୍ରମରବର ବିଶ୍ୱାଳଙ୍କୁ ପଚାରିବାରେ ନୂଆ ବହି ଆସି ନ ଥିବାରୁ ପୁରୁଣା ବହି ବଣ୍ଟନ କରାଯାଇଥିଲା । ତେବେ ଆସନ୍ତା ୩୦ ତାରିଖରେ ନୂଆ ବହି ଆସିଲେ ପୁରୁଣା ବହି ଛାତ୍ରୀଛାତ୍ରମାନଙ୍କ ଠାରୁ ଫେରସ୍ତ ଆଣି ନୂଆ ବହି ଦିଆଯିବ ବୋଲି ବିଇଓ କହିଛନ୍ତି ।

ଏବିଇଓ ତଥା ସହକାରୀ ଶିକ୍ଷା ଅଧିକାରୀଙ୍କ ସହିତ ୨ ଜଣ ବିଆରସିସି ଓ ୧୭ଜଣ ସିଆରସିସି ଥିଲେ ମଧ୍ୟ ପାଠ୍ୟକ୍ରମ ବଦଳି ଥିବା ନେଇ କିପରି ସେମାନଙ୍କ ନଜରକୁ ଆସିଲା ନାହିଁ ବୋଲି ଅଭିଭାବକ ମହେଶ୍ୱର ଲେଙ୍କା, ରାନୁ ସାହୁ, ପପୁନା ପଣ୍ଡା, ଶାନ୍ତନୁ ପ୍ରଧାନ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି ।

## ଅଳଭା-ଦୋଷିଆ ରାସ୍ତା କାମ ନିମ୍ନମାନର

# ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ, ଆନ୍ଦୋଳନ ଚେତାବନୀ

ପଟ୍ଟାମୁଣ୍ଡାଇ, ୨୮।୫ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଅଳଭା-ଦୋଷିଆ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୯ କୋଟି ଟଙ୍କା ବ୍ୟୟରେ ୪.୩୦୦କି.ମି. ରାସ୍ତା କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି । କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପଟ୍ଟାମୁଣ୍ଡାଇ ବ୍ଲକର ୪ ପଞ୍ଚାୟତବାସୀ ଗମନାଗମନ ପାଇଁ ପୂର୍ବପରି ହନ୍ତସନ୍ତ ହେବେ ବୋଲି ଆଶଙ୍କା ଦେଖାଦେଇଛି । ଅଳଭା-ଦୋଷିଆ ୧୬ନଂ କେନାଲ ବନ୍ଧର ଏହି ୪.୩୦୦କିମି ରାସ୍ତା ଦୀର୍ଘ ୩୦ବର୍ଷ ହେଲା ମରାମତି ଅଭାବରୁ ଶୋଚନୀୟ ହୋଇ ପଡିଥିଲା ।

ଦୋଷିଆ, ବିଲିକଣା, ଚନ୍ଦନନଗର, ଓଉପଦା ପଞ୍ଚାୟତବାସୀ ବାରମ୍ବାର ରାସ୍ତା ନିର୍ମାଣ ଦାବି କରି ଆନ୍ଦୋଳନ କରିବା ଫଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ରାସ୍ତା ନବନିର୍ମାଣ ପାଇଁ ପୂର୍ତ୍ତବିଭାଗକୁ ୩ ବର୍ଷ ତଳେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । କେନାଲ ପାର୍ଶ୍ୱରେ ପଥର ପ୍ୟାକିଂ ସହ ରାସ୍ତା ଚଓଡା କରିବାକୁ ଅଟକଳ କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଜନୈକ ଠିକାଦାର ଏହି ରାସ୍ତା ନିର୍ମାଣ କରୁଥିବା ବେଳେ କେନାଲ ପାର୍ଶ୍ୱରେ ଆଦୌ ମାଟି ପକାଯାଇନାହିଁ । ଜଳସମ୍ପଦ ବିଭାଗ ଓ ପୂର୍ତ୍ତବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ଅଳଭା-ଦୋଷିଆ ରାସ୍ତା କାମ ନାମକୁ ମାତ୍ର କରାଯାଉଛି ବୋଲି ସରପଞ୍ଚ ପ୍ରଭାତ ରଞ୍ଜନ ପ୍ରଧାନ, ସରପଞ୍ଚ ବିଜୟ କୁମାର ରାଉତ, ବନ୍ଦିତା ଦାସ, ସୁବାଷ ଖଟୁଆଙ୍କ ସମେତ ଗଣେଶ ରାଉତ, ପ୍ରଫୁଲ୍ଲ ଜେନା, ରବୀନ୍ଦ୍ର ସାହୁ, ଅଲେଖ ରଣା, ଅରୁଣ ବେହେରା, ରବୀନ୍ଦ୍ର ରଣା, ଦାମୋଦର ସ୍ୱାଇଁ, ଜଳଧର ପରିଡା ପ୍ରମୁଖ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି । ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ଭାବରେ କରା ନ ଗଲେ ୪ ପଞ୍ଚାୟତର ଅଧିବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସରପଞ୍ଚ ପ୍ରଭାତ ପ୍ରଧାନ, ବିଜୟ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବଢ଼ୁଛି ତାତି, ଦିନ ୯ଟା ପରେ ରାସ୍ତାଘାଟ ଜନଶୂନ୍ୟ

ଆଳି, ୨୮।୫ (ଡି.ଏନ.ଏ)

ସାରାରାଜ୍ୟରେ ବୃଦ୍ଧି ପାଉଛି ଖରା। ଚଳିତବର୍ଷ ତାପମାତ୍ରା ରେକର୍ଡ ସୃଷ୍ଟି କରିଥିବା ବେଳେ ଅଧିକାଂଶ ଜିଲାରେ ତାପାମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ତା ସାଙ୍ଗକୁ ଝାଞ୍ଜିପବନ ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି। ଦିନ ୯ଟା ପରେ ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଆଳି ବ୍ଲକ ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଯୋଗୁ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ଦିନ ୧୦ଟା ପରେ ବେଳକୁ ଆଳିର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳି ସମେତ କଟକ-ଚାନ୍ଦବାଲି ରାସ୍ତା ମଧ୍ୟ ଜନଶୂନ୍ୟ ହୋଇଯାଉଛି। କଟକ-ଚାନ୍ଦବାଲି ରାସ୍ତା ପ୍ରସସ୍ତୀକରଣ ଯୋଗୁ ରାସ୍ତାକଡ଼ରେ ଥିବା ହଜାର ହଜାର ଗଛ କାଟି ଦିଆଯିବା ଯୋଗୁ ଏହି ରାସ୍ତାରେ ଯା'ଆସ କରୁଥିବା ଲୋକମାନେ ଟିକେ ଛାଇରେ ଆଶ୍ରୟ ମଧ୍ୟ ନେଇପାରୁନାହାନ୍ତି। ହଜାର ହଜାର ଗଛ କାଟି ଦିଆଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଉ ନଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅତି ଆବଶ୍ୟକ ପଡ଼ିଲେ ଲୋକମାନେ ଘରୁ ବାହାରୁ ଥିବା ବେଳେ



ପ୍ରବଳ ଖରା ଯୋଗୁ ଖାଁ ଖାଁ ଆଳି ବଜାର।

ପ୍ରବଳ ଖରାରୁ ବଞ୍ଚିବା ପାଇଁ କଟକ-ଚାନ୍ଦବାଲି ରାସ୍ତାରେ ଗୋଟିଏ ବିଶ୍ରାମାଗାର ମଧ୍ୟ ନିର୍ମାଣ କରାଯାଇନାହିଁ। ଅନ୍ୟପଟେ ଏହି ରାସ୍ତାରେ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଗୋଟିଏ ହେଲେ ଜଳଛତ୍ର କେନ୍ଦ୍ର ଖୋଲା ଯାଇନାହିଁ। ଲୋକମାନେ କୌଣସି କାମରେ ବାହାରକୁ ଯିବା ହେଲେ ଖରାରେ ଠିଆ ହୋଇ ବସ୍, ଅଟୋକୁ ଅପେକ୍ଷା କରୁଥିବା ଦେଖାଯାଉଛି। ଖରା ଯୋଗୁ ଯାତ୍ରୀ ବିଶ୍ରାମାଗାର ଓ ଜଳଛତ୍ର କେନ୍ଦ୍ର ଖୋଲାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ପ୍ରବଳ ଖରା ଯୋଗୁ ଲୋକମାନେ ବଜାର ଘାଟ ଆସୁ ନ ଥିବାରୁ ବ୍ୟବସାୟ ମଧ୍ୟ ମାନ୍ଦା ହେଉଥିବା ଦେଖାଯାଉଛି। ତା'ସହ ଘଣ୍ଟା ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ୍ ଅତିଷ୍ଠ କରିପକାଉଛି ବୋଲି ଲୋକମାନେ କହିଛନ୍ତି। ଏ ସମ୍ପର୍କରେ ପ୍ରସନ୍ନ ଶତପଥୀ କୁହନ୍ତି, ଗତ ଏପ୍ରିଲ ମାସଠାରୁ ତାତି ଅଧିକ ବୃଦ୍ଧିପାଇବାରେ ଲାଗିଛି। ତାତି ବଢିବା ଯୋଗୁ ଲୋକମାନେ ଘରୁ ବାହାରୁ ନାହାନ୍ତି। ଫଳରେ ବ୍ୟବସାୟ ସଂପୂର୍ଣ୍ଣ ଭାବେ ମାନ୍ଦା ହୋଇପଡିଛି। ସେହିପରି ଅଶ୍ୱିନୀ କୁମାର ସାହୁ କହିଛନ୍ତି, ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ଜଳଛତ୍ର କେନ୍ଦ୍ରଟିଏ ଖୋଲାଯାଇନାହିଁ। ଯାହାଫଳରେ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ଲୋକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଳଛତ୍ର କେନ୍ଦ୍ର ଖୋଲିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

## ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ସହାୟତା

ଡେରାବିଶ, ୨୮।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ କୁସୁନୁପୁର ଗ୍ରାମର ପବିତ୍ର ମଲ୍ଲିକ (୫୦), ଧ୍ରୁବ ଚରଣ ଘଡ଼ାଇ (୬୦) ଗତ ରବିବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ୍ ଓ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ମଙ୍ଗଳବାର ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଜୟଙ୍କ ସହ ବରିଷ୍ଠ ନେତା ବଟକୃଷ୍ଣ ସାମଲ, ବିଜୟ କୃଷ୍ଣ ସାହୁ, ମନୋରଞ୍ଜନ ଉପାଧ୍ୟାୟ, ସରୋଜକାନ୍ତ ନାୟକ, ଦିଲ୍ଲୀପ କୁମାର ଦାସ ଓ ଅଶୋକ କୁମାର ସାହୁ ପ୍ରମୁଖ ମୃତକଙ୍କ ପରିବାରକୁ ଭେଟିଥିଲେ। ସେହିପରି ସାବିତ୍ରୀଙ୍କ ସହ ଏଣ୍ଡର ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂ ମୃତକଙ୍କ ପରିବାରକୁ ଭେଟିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ଉଭୟ ପରିବାରଙ୍କୁ ୨ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପବିତ୍ର ସାନଭାଇଙ୍କ ନିର୍ବନ୍ଧ ପାଇଁ ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅଞ୍ଚଳକୁ ଯାଇଥିଲେ। ସେଠାରୁ ପବିତ୍ର, ଧ୍ରୁବ ଓ ନାରାୟଣ ସାମଲ ଏକ ଗାଡ଼ିରେ ଫେରୁଥିବା ବେଳେ କଟକ-ପାରାଦୀପ ରାସ୍ତାର ପୁରଣ-ଓଡ଼ପଡ଼ାଠାରେ ଏକ ସ୍କୁଟି ସହ ତାଙ୍କ ଗାଡ଼ି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପବିତ୍ର ଓ ଧ୍ରୁବଙ୍କର ମୃତ୍ୟୁ ଘଟିଥିବା ବେଳେ ନାରାୟଣ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

## ଶର୍ଟସର୍କିଟରୁ ଅଗ୍ନିକାଣ୍ଡ, ୩ ବଖରା ଜଳିଗଲା

କେନ୍ଦ୍ରାପଡା , ଅଫିସ ୨୮।୫

ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର ଶଙ୍କର ମଲ୍ଲିକ, ଗୁରୁଚରଣ ମଲ୍ଲିକ ଓ ମଙ୍ଗୁ ମଲ୍ଲିକଙ୍କ ୩ ବଖରା ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟି ଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଛି। ଏଥିସହ ବର୍ଷକର ଖାଦ୍ୟ ମଧ୍ୟ ପୋଡ଼ିଯାଇଛି। ଖବରପାଇ ଅଗ୍ନିଶମ ଅଧିକାରୀ ବୀରଭଦ୍ର ଗୁଡୁଙ୍କ ନେତୃତ୍ୱରେ ୨ଟି ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଶିବିର

କେନ୍ଦ୍ରାପଡା ଅଫିସ,୨୮।୫

କେନ୍ଦ୍ରାପଡା ବ୍ଲକ ଅଧୀନ ଚଉଦକୁଲାଟଠାରେ ରିଲାଏନ୍ସ ଫାଉଣ୍ଡେଶନ ଓ ପିପିଏଲ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ରିଲାଏନ୍ସ ଫାଉଣ୍ଡେଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଅଲେଖ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଉପଦେଷ୍ଟା ବିଶ୍ୱଜିତ ନନ୍ଦ ଯୋଗଦେଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟର ଜିଲା ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା, ତ୍ରିଲୋଚନ ରାୟ, ସମୀର କୁମାର




ସଚେତନତା ଶିବିରରେ ଅତିଥି ଓ ଚାଷୀମାନେ।

ରାଉତ, ପ୍ରଦିପ କୁମାର ନାୟକ, ସୌମ୍ୟରଞ୍ଜନ ରାଉତ, ରମାକାନ୍ତ ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ଫଟୋରେ ଖବର



ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିହ୍ନଟ କରାଯାଇଥିବା କୁମ୍ଭୀର ବସା।

# ଘରୋଇ କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପକ ବ୍ୟବସ୍ଥାର ଯାଞ୍ଚ ହେବ

ମାର୍ଶାଘାଇ,୨୮।୫(ଡିଏନଏ)

ନିକଟରେ ଗୁଜରାଟର ସୁରଟ ସହରରେ ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ୨୩ ଜଣ ଛାତ୍ରଙ୍କ ଅକାଳ ବିୟୋଗ ଘଟିଛି । ଏହି ଘଟଣା ପରେ ରାଜ୍ୟର କଟକ ଓ ଭୁବନେଶ୍ୱରର ବିଭିନ୍ନ କୋଚିଂ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥା ପାଇଁ ଅଗ୍ନିଶମ ସେବା ସଂସ୍ଥା ବିଭିନ୍ନ ପଦକ୍ଷେପ ନେଇ ସାରିଛି। କେନ୍ଦ୍ରାପଡା ଜିଲାର ମାର୍ଶାଘାଇ ବ୍ଲକରେ ଥିବା ବିଭିନ୍ନ ଘରୋଇ ଏବଂ ଆବାସିକ ଶିକ୍ଷାନୁଷ୍ଠାନଗୁଡିକରେ ନିରାପତ୍ତା ବ୍ୟବସ୍ଥା କଡାକଡି କରିବା ପାଇଁ ଖୁବ୍ କମ ଦିନ ମଧ୍ୟରେ ଅଗ୍ନିଶମ ବିଭାଗ ଯାଞ୍ଚ କରିବ ବୋଲି ଜଣାପଡିଛି। ଯେଉଁ ଶିକ୍ଷାନୁଷ୍ଠାନ ସୁରକ୍ଷା ନିୟମ ପାଳନ କରି ନ ଥିବ ସେମାନଙ୍କ ଶିକ୍ଷାନୁଷ୍ଠାନରେ ତାଲା ପକାଯିବ ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ଅଗ୍ନିଶମ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଗ୍ନିଶମ ସେବା କେନ୍ଦ୍ର ଅଧୀନ ଅଞ୍ଚଳରେ ଥିବା ଘରୋଇ ଆବାସିକ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ,ଘରୋଇ ଆବାସିକ ସ୍କୁଲ, କୋଚିଂ ସେଣ୍ଟର,କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ପ୍ରଭୃତିର ତାଲିକା ଡିଜିଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ମାର୍ଶାଘାଇ ବଜାରର ଜୁଣ ଛକ, କଲେଜ ଛକ, ମେଡିକାଲ ଛକ, ଷ୍ଟେଟ ବ୍ୟାଙ୍କ ଛକ, ଶିଳିପୁର ଛକରେ ଥିବା ଘରୋଇ ଆବାସିକ କୋଚିଂ ସେଣ୍ଟର, ବଡପାଳର ଏକ କୋଚିଂ ସେଣ୍ଟର, ଗରଜଙ୍ଗାର ଏକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ , ତାଳସଙ୍ଗାର ଏକ କୋଚିଂ ସେଣ୍ଟର, ତେରଗାଁର ଏକ କୋଚିଂ ସେଣ୍ଟର ,ଜୁଣଛକ, ବନ୍ଧସାହି, କଲେଜଛକ, ପୁରୁଣା ବ୍ୟାଙ୍କ ଛକ ପ୍ରଭୃତି ସ୍ଥାନରେ ଥିବା କମ୍ପ୍ୟୁଟର ସେଣ୍ଟରଗୁଡିକର ନାମ ଏହି ତାଲିକାରେ ଅନ୍ତର୍ଭୁକ୍ତ ଥିବା ଜଣାପଡିଛି। ଶିକ୍ଷାନୁଷ୍ଠାନଗୁଡିକର ଅଗ୍ନି ନିରୋଧ ବ୍ୟବସ୍ଥା ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ଥିବା ବାଟ ଓ ଇମରଜେନ୍ସି ବାଟ ପ୍ରଭୃତି ଯାଞ୍ଚ ପରିସରଭୁକ୍ତ ରହିଛି। ଜୁନ ମାସ ପ୍ରଥମ ସପ୍ତାହରେ ପ୍ରଥମେ ଶିକ୍ଷାନୁଷ୍ଠାନର ଅଗ୍ନିକାଣ୍ଡ ଜନିତ ସୁରକ୍ଷା ବ୍ୟବସ୍ଥା ନେଇ ନୋଟିସ୍ କରାଯିବ । ଯେଉଁ ଶିକ୍ଷାନୁଷ୍ଠାନ ସେହି ନିୟମ ପାଳନ କରି ନ ଥିବେ ସେମାନଙ୍କୁ ତୁରନ୍ତ ପାଳନ କରିବାକୁ ସମୟ ଦିଆଯିବ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯେଉଁ ଶିକ୍ଷାନୁଷ୍ଠାନ ପାଳନ ନ କରିବେ ସେମାନଙ୍କ ଅନୁଷ୍ଠାନ ବନ୍ଦ କରାଯିବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାର୍ଶାଘାଇ ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ଅଜୟ କୁମାର ମୁଦୁଲି ସୂଚନା ଦେଇଛନ୍ତି। ଅଭିଭାବକମାନେ ନିଜ ପିଲାଙ୍କ ଭବିଷ୍ୟତ ଗଢିବା ପାଇଁ ସୁରକ୍ଷିତ ଥିବା ଶିକ୍ଷାନୁଷ୍ଠାନ ଉପରେ ଗୁରୁତ୍ୱ ଦେଇଥାନ୍ତି। ଶିକ୍ଷାନୁଷ୍ଠାନଗୁଡିକ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଥିବା ପ୍ରଚାର କରି ଅଭିଭାବକ ଏବଂ ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରି ନିଜର ରୋଜଗାର ବୃଦ୍ଧି କରୁଛନ୍ତି। ମାତ୍ର ସୁରଟ ସହରର ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ଯେଉଁ ଛାତ୍ରୀଛାତ୍ରମାନଙ୍କ ଜୀବନଦୀପ ଲିଭିଗଲା ସେମାନଙ୍କ ଅଭିଭାବକଙ୍କ ମନରେ କିଭଳି କୋହ ଥିବ ତାହା ସମସ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ହୃଦୟଙ୍ଗମ କରି ତୁରନ୍ତ ସୁରକ୍ଷା ବ୍ୟବସ୍ଥାକୁ ନିଜ ନିଜ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ କରିବାକୁ ମୁଦୁଲି ପରାମର୍ଶ ଦେଇଛନ୍ତି। ଏଥିସହିତ ଅଭିଭାବକମାନେ ସୁରକ୍ଷା ବ୍ୟବସ୍ଥା ନ ଥିବା ଶିକ୍ଷାନୁଷ୍ଠାନ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ମେ ୨୯/୨୦୧୯ Bhubaneswar, Wednesday, May 29 / 2019

## ସଂକ୍ଷେପରେ

### ସ୍ୱାଭାବିକ ହେଉନି ବିଦ୍ୟୁତ୍ ସରବରାହ

ବାଲିଆ,୨୮।୫: ଫନୀର ଦୀର୍ଘଦିନ ପରେ ମଧ ବିରିଡ଼ି ବ୍ଲକ ୨୨ମୌଜାର ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରିନି। ମଙ୍ଗୁଲି, ବରେଡିଆ, ବାସନ୍ଦରା ଓ ଅନ୍ୟ କେତେକ ପଞ୍ଚାୟତ ସମେତ ବଡ଼ଖଣ୍ଡାୟତା, ବୁଢାପଡ଼ା, ବାଲିଆ ଆଦି ଅଞ୍ଚଳରେ ଏପର୍ଯ୍ୟନ୍ତ ଠିକ୍ ଭାବେ ବିଦ୍ୟୁତ୍ ସେବା ପହଞ୍ଚାଇବାରେ ଏନ୍‌ଜେଏନ୍ କମ୍ପାନୀ ବିଫଳ ହୋଇଛି। ଏପରି କି ବିରିଡ଼ି ବିଦ୍ୟୁତ ବିଭାଗ ଅଧୀନରେ ଶତକଡ଼ା ୫୦ ପ୍ରତିଶତ କାମ ଅସମ୍ପୂର୍ଣ୍ଣ ରହିଛି। ତେଣୁ ଅନ୍ଧାରରେ ଚଳୁଥିବା ଉପଭୋକ୍ତାମାନେ ସେସୁ କାର୍ଯ୍ୟାଳୟ ଓ ବିରିଡ଼ି ଏନ୍‌ଜେଏନ୍ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରୁଛନ୍ତି। ଅନ୍ୟପକ୍ଷରେ ଏନ୍‌ଜେଏନ୍ ପକ୍ଷରୁ ୧୮ ପଞ୍ଚାୟତ ମଧ୍ୟରୁ ୧୩ ପଞ୍ଚାୟତରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିବା କୁହାଯାଉଛି। ଏଥିସହ ବିଦ୍ୟୁତ୍ କାମ କରୁଥିବା କୁଶଳୀ କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି, ଯାହାକି ଲୋକ ଦେଖାଣିଆ କାର୍ଯ୍ୟ ବୋଲି ସ୍ଥାନୀୟ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ୧୮ ଜଣ କୁଶଳୀ କାରିଗରଙ୍କୁ ପ୍ରମାଣ ପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଅନ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପ୍ରଥମ ବିଜୟରେ ବାଜି ମାରିଲେ ରଘୁନନ୍ଦନ

- ମିଳିଲା ରାଷ୍ଟ୍ରମନ୍ତ୍ରୀ ପାହ୍ୟା
- ଦାମଙ୍କୁ ପରାଜିତ କରିବାରୁ ପୁରସ୍କାର
- ବିଷ୍ଣୁ ଓ ପ୍ରଶାନ୍ତଙ୍କୁ ନେଇ ହେଉଥିଲା ଚର୍ଚ୍ଚା

ଜଗତ୍‌ସିଂହପୁର ଅଫିସ,୨୮।୫

୨୦୧୯ ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠତା ହାସଲ କରିବା ଫଳରେ ନବୀନ ପଟ୍ଟନାୟକ ଲଗାତର ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବୁଧବାର ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଶପଥ ଗ୍ରହଣ ଉତ୍ସବ କରାଯିବ। ତେବେ ନବୀନ ତାଙ୍କ ମନ୍ତ୍ରୀମଣ୍ଡଳରେ ଜଗତ୍‌ସିଂହପୁର ଜିଲାରୁ ଜଣଙ୍କୁ ନେବେ ବୋଲି ପୂର୍ବରୁ ଯେଉଁ ଚର୍ଚ୍ଚା ହେଉଥିଲା ତାହା ସତ୍ୟ ହୋଇଛି। ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟରେ ବିଜୟୀ ହୋଇଥିବା ରଘୁନନ୍ଦନ ଦାଶଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି ବୋଲି ରାଜଭବନ ସୂତ୍ରରୁ ଜଣାପଡ଼ିଛି। ଦାସ ତାଙ୍କ ପ୍ରଥମ ବିଜୟରେ ମନ୍ତ୍ରୀପଦ ପାଇଥିବାରୁ ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ଚଳିତ ନିର୍ବାଚନରେ ବରିଷ୍ଠ ନେତା ତଥା ଭାଜପା ପ୍ରାର୍ଥୀ ଦାମୋଦର ରାଉତଙ୍କୁ ବହୁ ପଛରେ ପକାଇ ସେ ବିଜୟୀ ହୋଇଥିବାରୁ ପୁରସ୍କାର ସ୍ୱରୂପ ନବୀନ ତାଙ୍କୁ ମନ୍ତ୍ରୀପଦ ଦେଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବରିଷ୍ଠ ବିଜେଡି ନେତା ବିଷ୍ଣୁ ଚରଣ ଦାସ ଓ ପ୍ରଶାନ୍ତ ମୁଦୁଲି ମନ୍ତ୍ରୀପଦ ଦୌଡ଼ରେ ଥିଲେ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

ରଘୁନନ୍ଦନ ୨୦୦୦ରୁ ୨୦୧୨ ପର୍ଯ୍ୟନ୍ତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ୨୦୦୦ରେ ସେ ତତ୍କାଳୀନ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ୨୦୦୪ରେ ତାଙ୍କୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇ ପାଖାପାଖି ୪୦ ହଜାର ଭୋଟ ପାଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେଲା। ସେତେବେଳେ ସେ ନବଗଠିତ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଚାହିଁଥିଲେ। କିନ୍ତୁ ଦଳ ତାଙ୍କୁ ନିରାଶ କରି ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ କରିଥିଲା। ପରବର୍ତ୍ତୀ ସମୟରେ ଦଳ ତାଙ୍କୁ ପୂର୍ବପରି ଅଣଦେଖା କରିବାରୁ ୨୦୧୪ରେ ସେ ଦ୍ୱିତୀୟବାର ସ୍ୱାଧୀନ ପ୍ରାର୍ଥୀ ହୋଇ ପାଖାପାଖି ୩୨ ହଜାର ଭୋଟ ପାଇଥିଲେ। ପରେ ଭାଜପାରେ ମିଶି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ଭାଜପା ଟିକେଟ୍‌ରେ ଲଢିବେ ବୋଲି ଏକପ୍ରକାର ସ୍ଥିର ହୋଇଥିଲା। କିନ୍ତୁ ବିଜେଡିରୁ ବହିଷ୍କୃତ ହୋଇଥିବା ଦାମ ଭାଜପାରେ ମିଶି ସବୁ ଗୋଳମାଳ କରିଦେଲେ। ରଘୁନନ୍ଦନ ଭାଜପା ଛାଡ଼ି ବିଜେଡିକୁ ଫେରିଲେ ଓ ବିଧାୟକ ପ୍ରାର୍ଥୀ ଭାବେ ଲଢିଲେ। ଜିଲାରେ ସେ ରେକର୍ଡ ସଂଖ୍ୟକ ବ୍ୟବଧାନ ଅର୍ଥାତ୍ ୫୪,୫୮୩ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇଛନ୍ତି। ଦାମ ତାଙ୍କଠାରୁ ୬୬,୨୦୩ ଭୋଟ କମ୍ ପାଇ ୩ୟ ସ୍ଥାନରେ ଅଛନ୍ତି।

ସୂଚନାଯୋଗ୍ୟ, ବିଷ୍ଣୁ ୬ ଥର ବିଧାୟକ ହେବାର ଗୌରବ ହାସଲ କରିଛନ୍ତି। ଏଥିସହ ଥରେ ମନ୍ତ୍ରୀ, ଥରେ ରାଜ୍ୟସଭା ଏମ୍‌ପି, ଥରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରେ ରହିଛନ୍ତି। ଦୀର୍ଘବର୍ଷ ଧରି ବିଜେଡି ଜିଲା ସଭାପତି ମଧ୍ୟ ଥିଲେ। ଜଣାଶୁଣା ନେତା ହୋଇଥିବାରୁ ତାଙ୍କୁ ଏଥର ମନ୍ତ୍ରୀପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। ସେହିପରି ପ୍ରଶାନ୍ତ ଏଥରକୁ ମିଶାଇ କ୍ରମାଗତ ଭାବେ ୩ ଥର ବିଧାୟକ ହେଲେ। ସେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଥିଲେ। ଦଳର ଜିଲା କାର୍ଯ୍ୟକାରୀ ସଭାପତି ମଧ୍ୟ ଅଛନ୍ତି। ଦାମୋଦର ରାଉତଙ୍କୁ ଦଳରୁ ବିଦା କରିବା କ୍ଷେତ୍ରରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଚଳିତ ନିର୍ବାଚନରେ ସେ ପିସିସି କାର୍ଯ୍ୟକାରୀ ସଭାପତି ତଥା ବିରୋଧୀ ଦଳ ଉପନେତା ଥିବା ଚିରଞ୍ଜୀବ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ତେଣୁ ଏହି ଦୁଇ ନେତାଙ୍କ ମଧ୍ୟରୁ ଜଣଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ନବୀନ ସେମାନଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଇନାହାନ୍ତି।



ବାତ୍ୟାରେ କ୍ଷତିଗ୍ରସ୍ତ ଶ୍ରେଣୀଗୃହ ଆଗରେ ଶିଶୁ ମନ୍ଦିରର ଶିକ୍ଷୟିତ୍ରୀଶିକ୍ଷକ।

# ଶିଶୁ ମନ୍ଦିର ଶ୍ରେଣୀଗୃହ ନିର୍ମାଣ ଦାବି

ବାଲିଆ,୨୮।୫

ବିରିଡ଼ି ବ୍ଲକ ୨୨ ମୌଜା ମଙ୍ଗୁଲି ଶିଶୁ ବିଦ୍ୟାମନ୍ଦିରର ଶ୍ରେଣୀଗୃହ ଆଜବେଷ୍ଟସ ଫନୀ ବାତ୍ୟାରେ ସମ୍ପୂର୍ଣ୍ଣ ଉଡ଼ିଯାଇଛି। ତେଣୁ ଗ୍ରୀଷ୍ମ ଛୁଟି ପରେ ଛାତ୍ରୀଛାତ୍ର କିପରି ପାଠ ପଢିବେ ତାହାକୁ ନେଇ ଚିନ୍ତାରେ ପଡିଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ। ବିଦ୍ୟାଳୟଟି ବେସରକାରୀ ଶିକ୍ଷାନୁଷ୍ଠାନ ହୋଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ସହଯୋଗରେ ପରିଚାଳିତ ହୋଇଥାଏ। ବାତ୍ୟାରେ ଶ୍ରେଣୀଗୃହ ଆଜବେଷ୍ଟସ ଉଡ଼ିଯାଇଥିବାବେଳେ ସରକାରୀ ସହାୟତା ମିଳୁ ନ ଥିବାରୁ ଅସୁବିଧା ହେଉଛି ବୋଲି ସମ୍ପାଦକ ଗୟାଧର ମହାନ୍ତି କହିଛନ୍ତି। ତେଣୁ ଏହି ବିଦ୍ୟାଳୟ ପ୍ରତି ସରକାର ଦୃଷ୍ଟି ଦେବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି କୋଠାଘର ନିର୍ମାଣ ପାଇଁ ସହାୟତା ଦେବାକୁ ସେ ନିବେଦନ କରିଛନ୍ତି।

# ମା'ଶାରଳାଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ



ଚନ୍ଦନପୋଖରୀରେ ମା' ଶାରଳାଙ୍କ ଚାପ ଖେଳ।

ତିର୍ତ୍ତୋଲ,୨୮।୫(ଡି.ଏନ.ଏ.)

ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ କନକପୁରସ୍ଥିତ ଝଙ୍କଡ଼ ମା' ଶାରଳାଙ୍କ ପୀଠରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ସୋମବାର ରାତିରେ ଶେଷ ହୋଇଛି। ଶେଷ ଦିନରେ ମା'ଶାରଳା ଚନ୍ଦନପୋଖରୀରେ ଲଟା ଭଉଁରୀରେ ଚାପ ଖେଳିଥିଲେ। ୨୧ ଘେରା ଚାପଖେଳ ହୋଇଥିଲା। ୨୧ ଦିନ ବ୍ୟାପୀ ଚାପ ଖେଳରେ ପ୍ରତ୍ୟହ ପୂର୍ବାହ୍ନରେ ମା'ଙ୍କ ବିଜେ ପ୍ରତିମା ମନ୍ଦିରରୁ ବାହାରି ସୁସଜ୍ଜିତ ମଣିମୟ ବିମାନରେ ମନ୍ଦିର ସମ୍ମୁଖକୁ ଆସିଥାନ୍ତି। ସେଠାରେ ପାଲିଙ୍କିରେ ବିଜେ କରି ସେବାୟତଙ୍କ ଘଣ୍ଟଘଣ୍ଟା, କାହାଳୀ, ମର୍ଦ୍ଦଳ, ପଖଜ, ଗିନି ପ୍ରଭୃତି ବାଦ୍ୟର ତାଳେ ତାଳେ ଏକ ବର୍ଣ୍ଣାଢ୍ୟ ପଟୁଆରରେ ଚନ୍ଦନ ପୋଖରୀ ଅଭିମୁଖେ ଯାତ୍ରା କରିଥାନ୍ତି। ଚନ୍ଦନ ପୋଖରୀ ନିକଟରେ ବିମାନରୁ ଓହ୍ଲାଇ ସୁସଜ୍ଜିତ ନୌକାରେ ଉପବେଶନ କରି ଚାପ ଖେଳିଥାନ୍ତି। ଚାପଖେଳ ସରିବା ପରେ ମା' ଚନ୍ଦନ ପୋଖରୀସ୍ଥିତ ଚନ୍ଦନ କୁଣ୍ଡିରେ ବିଶ୍ରାମ ନେଇଥାନ୍ତି। ରାତି ୧୦ଟାରେ ପୁନଶ୍ଚ ମା'ଙ୍କ ବିଜେ ପ୍ରତିମା ନୌକାରେ ଉପବେଶନ ହୋଇ ଚନ୍ଦନ ପୋଖରୀରେ ରାତି ଚାପ ଖେଳିଥାନ୍ତି। ଚାପ ଖେଳ ଶେଷ ପରେ ମା'ଙ୍କ ବିଜେ ପ୍ରତିମା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଚନ୍ଦନ ଯାତ୍ରାରେ କ୍ରମାନ୍ୱୟରେ ପ୍ରଥମ ଦିନ ୧ଘେରା, ଦ୍ୱିତୀୟ ଦିନ ଦୁଇ ଘେରା,ଏହି ପରି ଶେଷ ଦିନରେ ଦିନ ଓ ରାତିରେ ୨୧ ଘେରା ଚାପ ଖେଳ ଅନୁଷ୍ଠିତ ହୋଇଥାଏ।

## ମଦ ଜବତ, ୨ ଗିରଫ

ବାଲିକୁଦା,୨୮।୫(ସ୍ୱ.ପ୍ର.)

ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୩୩ ବୋତଲ ବିଦେଶୀ ମଦ ଜବତ କରାଯିବା ସହିତ ୨ ଜଣଙ୍କୁ ଗିରଫ କରାଯାଇଛି। ଜଗତ୍‌ସିଂହପୁର ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶରେ ବାଲିକୁଦା ଅବକାରୀ ବିଭାଗ ଏସଆଇ କୁଳମଣି ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବାଲିକୁଦା ଥାନା ଅଧୀନ ସାଲବେଲପୁର ଗ୍ରାମରେ ଚଢାଉ କରିଥିଲା। ଗ୍ରାମର ଅଜୟ ରାଉତଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୫ ବୋତଲ ବିଦେଶୀ ମଦ ଜବତ ହୋଇଥିଲା। ସେହିପରି ସୁମୁଡ଼ା ବାଲିସାହି ଗାଁର ନିମାଇଁ ସ୍ୱାଇଁଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୮ ବୋତଲ ବିଦେଶୀ ମଦ ଜବତ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି। ଚଢାଉରେ ଏଏସଆଇ କୈଳାସ ଦାସ, କନଷ୍ଟେବଳ ଚିତ୍ତରଞ୍ଜନ ଦାଶ, ହିମାଂଶୁ ନାୟକ, ଜଗତ୍‌ସିଂହପୁର ଅବକାରୀ ବିଭାଗ କନ୍‌ଷ୍ଟେବଳ ସରୋଜ ସାହୁ, ବିଶ୍ୱନାଥ ମୁଣ୍ଡା, ଶ୍ରୀଧର ସିଂ, ସବିତା ନାୟକ ପ୍ରମୁଖ ସାମିଲ ଥିଲେ।

# ଘରଭଙ୍ଗା କ୍ଷୟକ୍ଷତି ଆକଳନରେ ଅନିୟମିତତା ଅଭିଯୋଗ

ବାଲିଆ,୨୮।୫

ଫନୀ ବାତ୍ୟାରେ ବିରିଡ଼ି ବ୍ଲକ ଅନ୍ତର୍ଗତ ବତୀମିରା ପଞ୍ଚାୟତରେ ବହୁ ଲୋକଙ୍କ ବାସଘର ଭାଙ୍ଗିଯାଇଛି। ବାତ୍ୟା ପରେ ଘରଭଙ୍ଗା କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ବିଭାଗ ତରଫରୁ ଆର୍‌ଆଇମାନଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ତେବେ ଆରଆଇମାନେ ଠିକ୍ ଭାବେ ତଦନ୍ତ କରୁ ନ ଥିବା ଅଭିଯୋଗ ହୋଇଛି। ସେମାନେ ସରପଞ୍ଚ କିମ୍ବା ଅନ୍ୟ ଲୋକ ପ୍ରତିନିଧିଙ୍କୁ ନ ଜଣାଇ ତଦନ୍ତ କରୁଛନ୍ତି। ତେଣୁ ଏଥିରେ ସ୍ୱଚ୍ଛତା ରହୁ ନ ଥିବା ବତୀମୀରା ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ତହସିଲଦାର ତାଙ୍କୁ ଏଥିରେ ମୁଣ୍ଡ ନ ପୁରାଇବାକୁ କହିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଦି ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରା ନ ଯାଏ, ତେବେ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।



ଫନୀ ବାତ୍ୟା ସମୟରେ ପାରାଦୀପ ବନ୍ଦର ପୋତାଶ୍ରୟରେ ବୁଡ଼ି ଯାଇଥିବା ଏକ ବୋଟ୍‌କୁ ମଙ୍ଗଳବାର ପାଣିରୁ ଉଦ୍ଧାର କରାଯାଇଛି।

# ବିନା ସୂଚନା ଫଳକରେ ଚେକ୍ ଡ୍ୟାମ୍ ନିର୍ମାଣ

ନାଉଗାଁ,୨୮।୫(ସ୍ୱ.ପ୍ର.)



ନିର୍ମାଣାଧୀନ ଚେକ୍ ଡ୍ୟାମ୍।

- ଫଳକ ଲଗାଇବାର ନିୟମ ନାହିଁ କହିଲେ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ
- ନିମ୍ନମାନର କାର୍ଯ୍ୟ, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ସରକାରଙ୍କ ପକ୍ଷରୁ ଯେକୌଣସି ପ୍ରକଳ୍ପ ନିର୍ମାଣ ପୂର୍ବରୁ କାର୍ଯ୍ୟର ସବିଶେଷ ତଥ୍ୟ ପ୍ରଦାନ କରାଯାଇ ତାହାର ଏକ ସୂଚନା ଫଳକ ଲଗାଇବାକୁ ନିୟମ ରହିଛି। କିନ୍ତୁ ନାଉଗାଁ ବ୍ଲକରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପଞ୍ଚାୟତସ୍ତରଠାରୁ ଜିଲାସ୍ତର ପର୍ଯ୍ୟନ୍ତ ଏହି ନିୟମ କେହି କାର୍ଯ୍ୟକାରୀ କରୁ ନ ଥିବା ଦେଖିବାକୁ ମିଳୁଛି। ସୂଚନା ଫଳକରେ ଜନସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟର ଆରମ୍ଭ ଓ ଶେଷ ତାରିଖ, ଅଟକଳ ମୂଲ୍ୟ, ଠିକାଦାର ଆଦି ସମ୍ପର୍କରେ ସମସ୍ତ ସୂଚନା ରହିଥାଏ। ଫଳରେ କାର୍ଯ୍ୟରେ ସ୍ୱଚ୍ଛତା ଆସିବା ସହ ତାହା ଦୀର୍ଘସ୍ଥାୟୀ ହୋଇଥାଏ। କିନ୍ତୁ ନାଉଗାଁ ବ୍ଲକ ତେଣ୍ଟୋଇର କଅଁରପଦାଠାରେ ଗୋବରୀ ନଦୀରେ ନିର୍ମାଣ କରାଯାଉଥିବା ଚେକ୍‌ଡ୍ୟାମ୍ କ୍ଷେତ୍ରରେ ତାହା କରାଯାଇନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଡ୍ୟାମ ୨୦୦୮-୦୯ ଆର୍ଥିକ ବର୍ଷରେ ତତ୍କାଳୀନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁ ନିଜ ଅନୁଦାନ ପାଣ୍ଠିରୁ ୧୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରିଥିଲେ। କିନ୍ତୁ ଏକ ଦଶନ୍ଧୀରୁ ଊର୍ଦ୍ଧ୍ୱ ସମୟ ହେଲା ଚେକଡ୍ୟାମଟି ସେପରି ଅଧାପନ୍ତରିଆ ହୋଇ ପଡିରହିଥିଲା। ଫଳରେ ତାହା ଚାଷୀଙ୍କ କାର୍ଯ୍ୟରେ ଆସି ନ ଥିଲା। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଡ୍ରେନେଜ ବିଭାଗର ଚେତା ପଶିଥିଲା। ଚେକ୍ ଡ୍ୟାମ ନିର୍ମାଣ କରିବା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ହୋଇ ଠିକାଦାର ଚୟନ କରାଯିବା ସହ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଚେକ୍ ଡ୍ୟାମ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଫଳକ ନ ଥିବାରୁ ଭାଗମାପ କେତେ ରହିବା କଥା ଜଣାପଡୁନାହିଁ। ବିଭାଗ ପକ୍ଷରୁ କୌଣସି ଅଧିକାରୀ କାର୍ଯ୍ୟସ୍ଥଳରେ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ଫଳରେ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଚେକ୍ ଡ୍ୟାମ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର ଉଦବୃତ ବର୍ଷାଜଳ ସଂରକ୍ଷିତ ହେବା ସହିତ ତିରୁଣା, ଡେରିକି, କୋରୁଅ, ବାଂଶ ପଞ୍ଚାୟତର ୧୫ ଶହରୁ ଊର୍ଦ୍ଧ୍ୱ ହେକ୍ଟର ଜମିକୁ ଆବଶ୍ୟକ ସମୟରେ ଜଳଯୋଗାଣ ହୋଇପାରିବ। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦିକ୍ଷିତ କହିଛନ୍ତି ଯେ, କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଇବାର ନିୟମ ନାହିଁ। ଏହି କାର୍ଯ୍ୟ ଚଳିତବର୍ଷ ନଭେମ୍ବରରେ ଶେଷ କରିବାକୁ ସ୍ଥିର ହୋଇଥିଲା। କିନ୍ତୁ ତା'ପୂର୍ବରୁ ଅର୍ଥାତ ଜୁଲାଇ ମାସରେ କାର୍ଯ୍ୟ ଶେଷ ହେବାର ଯୋଜନା ରହିଥିବା ସେ କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ,୨୮।୫(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ ନାନପୁର ଗ୍ରାମରେ ଜଣେ ଯୁବକ ସୋମବାର ରାତିରେ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗାନ୍ଧୀ ଗୋଛାୟତ (୩୦)। ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଡାକ୍ତର ମଙ୍ଗଳବାର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିଲେ ମଧ୍ୟ ସୋମବାର ରାତ୍ରିରେ ହଠାତ୍ ସେ ଘର ଭିତରେ ପଶି ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗାନ୍ଧୀ ତାଙ୍କ ପରିବାର ସହ ରାଉରକେଲାରେ ରୁହନ୍ତି। ତେବେ ଗତ କିଛି ଦିନ ତଳେ ନିଜ ଗ୍ରାମ ନାନପୁରକୁ ଆସିଥିଲେ। ତେବେ ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

### ରାଜପଥରେ ମାତିଛନ୍ତି ଲୁଟେରା
## ଗାଡ଼ିରେ ଲୁଟ୍ କରୁଛନ୍ତି ଲୁହାଛଡ଼

**ଧର୍ମଶାଳା,୨୮।୫(ଡି.ଏନ୍.ଏ.):** ଧର୍ମଶାଳା ଥାନା ଶଙ୍ଖାରିଡିହ ଅଞ୍ଚଳରେ ଚୋରା ଲୁହାଛଡ଼ ମାଫିଆ ସକ୍ରିୟ ହୋଇଛନ୍ତି। ବିଭିନ୍ନ ସ୍ଥାନରୁ ଟ୍ରେଲର ସାହାଯ୍ୟରେ ମାଫିଆମାନେ ଲୁହାଛଡ଼ ଲୋକ ଲଗାଇ ଗାଡିରୁ ଖଲାସ କରି ନେଉଛନ୍ତି। ଯେ କୌଣସି ସ୍ଥାନରେ ଗାଡ଼ି ଅଟକିବା ପରେ ମାଫିଆମାନେ କୌଶଳ କ୍ରମେ ଲୁହାଛଡ଼ କାଢ଼ିବାରେ ସକ୍ଷମ ହେଉଛନ୍ତି। ବିଶେଷକରି ୧୬ନଂ ଜାତୀୟ ରାଜପଥର ଶଙ୍ଖାରିଡିହଠାରେ ପ୍ରତ୍ୟହ ବହୁ ପରିମାଣର ଲୁହାଛଡ଼ ଚୋରି ହେଉଥିବା ଅଭିଯୋଗ ହେଉଛି। ଏ ନେଇ ମଙ୍ଗଳବାର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ୍ୟ ସଫଳତା ପାଇ ପାରି ନ ଥିବା ଜଣାପଡିଛି। ଚଢାଉ ଖବର ପାଇ ଚୋରି ସାମଗ୍ରୀ ଲୁଚାଇବାରେ ସକ୍ଷମ ହେଉଛନ୍ତି। ଫଳରେ ପୋଲିସକୁ ବହୁବାର ନିରାଶ ହେବାକୁ ପଡୁଛି। ପ୍ରକାଶଯେ, କଟକ ଗୋପାଳପୁର ଓ ବଇଚୁଆଁଠାରେ ଥିବା ଲୁହାରଡ ଷ୍ଟକୟାର୍ଡରୁ ପ୍ରତ୍ୟହ ଶହଶହ ଲୁହାରଡ୍ ଟ୍ରେଲରରେ ବାଲେଶ୍ୱର, କେଉଁଝର, ଭଦ୍ରକ, ଡୁବୁରୀ, ପାରାଦୀପ ଆଦି ଅଞ୍ଚଳକୁ ପରିବହନ କରାଯାଉଛି।

### ଚୋରି ସ୍ୱାଇପ୍ ମେଶିନ ପାଇ ଫେରାଇଲେ ଯୁବକ

**ଡୁବୁରୀ,୨୮।୫(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ବଜାରରୁ ସୋମବାର ଜଣେ କଲେକ୍ସନ ଏଜେଣ୍ଟଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ ଓ ସ୍ୱାଇପ୍ ମେଶିନ ଲୁଟି ନେଇଥିଲେ। ଏହି ଘଟଣାରେ କଳିଙ୍ଗନଗର ପୋଲିସ ଏକ ମାମଲା (୯୯/୧୯) ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ଉକ୍ତ ଏଜେଣ୍ଟଙ୍କ ସ୍ୱାଇପ୍ ମେଶିନ୍‌ଟିକୁ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକ ପାଇ ଫେରାଇଥିବା ଜଣାପଡିଛି। ପ୍ରକାଶ ଯେ, ଡୁବୁରୀ ଗ୍ରାମ୍ୟ ବ୍ୟାଙ୍କ ଶାଖାର କଲେକ୍ସନ ଏଜେଣ୍ଟ ଚନ୍ଦ୍ରଶେଖର ସାହୁ ସୋମବାର ଡୁବୁରୀ ଛକସ୍ଥିତ ଏକ ଦୋକାନ ନିକଟରେ ବାଇକ ରଖି ନିକଟରେ ଥିବା ଦୋକାନକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ୩୦ ହଜାର ଟଙ୍କା ଓ ସ୍ୱାଇପ୍ ମେଶିନ ଚୋରି କରି ନେଇ ପଳାଇଥିଲେ। ଏ ନେଇ ସାହୁ କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଡୁବୁରୀ -ଚଣ୍ଡିଖୋଲ ରାସ୍ତାର ବାଲିସାହି ନିକଟରେ ଉକ୍ତ ମେଶିନଟିକୁ ଜେନାପୁର ଥାନା କମାଗଡ଼ ଗ୍ରାମର ନିଧି ରାଉତ ପାଇଥିଲେ। ଏ ସମ୍ପର୍କରେ ଚନ୍ଦ୍ରଶେଖରଙ୍କୁ ଯୋଗାଯୋଗ କରି ମେଶିନଟିକୁ ଫେରାଇଥିବା ଜଣାପଡିଛି।

### ମଦ ଜବଦ, ଜଣେ ଗିରଫ

**କଳିଙ୍ଗନଗର,୨୮।୫(ଡି.ଏନ.ଏ.):** ଟମକା ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଚୋରା ମଦ ନେଇ ଯାଉଥିବା (୦୨-ଏଡି-୨୧୬୨) ନମ୍ବର ବିଶିଷ୍ଟ କାର୍‌ରୁ ୭୦ ବୋତଲ ବିଦେଶୀ ମଦ ଜବତ କରିଥିଲା। ଏଥିସହ ଘସିପୁରା ଥାନା ଅର୍ନ୍ତଗତ ଶୁଆପୁର ଗ୍ରାମର ରାମଚନ୍ଦ୍ର ବେସରା (୪୨)ଙ୍କୁ ଗିରଫ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୪୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ଏହି ଘଟଣାରେ ରାମଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।

# ଖାଉଟି ମୁଣ୍ଡରେ ଚଡ଼କ ପକାଇଛି ଦରବୃଦ୍ଧି

- ଡାଲି ଜାତୀୟ ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ
- ମାସକରେ ହରଡ଼ ଡାଲି ୧୫ ଟଙ୍କା ବଢ଼ିଛି

**ଯାଜପୁର ଅଫିସ,୨୮।୫**

ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ତାଲିକା କି.ଗ୍ରା. ପ୍ରତି

| ଖାଦ୍ୟ ସାମଗ୍ରୀ | ମେ-୨୦୧୮ | ଏପ୍ରିଲ-୨୦୧୯ | ୨୭/୫/୨୦୧୯ |
|---|---|---|---|
| ଗହମ | ୩୨.୦୦ | ୩୪.୦୦ | ୩୪.୦୦ |
| ଅଟା | ୨୮.୦୦ | ୩୧.୦୦ | ୩୩.୦୦ |
| ମୁଗ ଡାଲି | ୬୬.୦୦ | ୭୬.୦୦ | ୮୩.୦୦ |
| ହରଡ଼ ଡାଲି | ୬୫.୦୦ | ୭୫.୦୦ | ୯୦.୦୦ |
| ବୁଟ ଡାଲି | ୫୩.୦୦ | ୬୦.୦୦ | ୬୩.୦୦ |
| ଚିନି | ୩୪.୦୦ | ୩୯.୦୦ | ୪୦.୦୦ |
| ଗୁଡ | ୪୨.୦୦ | ୪୫.୦୦ | ୪୮.୦୦ |
| ପିଆଜ | ୧୪.୦୦ | ୧୮.୦୦ | ୨୦.୦୦ |

ଗତ କିଛିବର୍ଷ ଧରି ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଖାଉଟିଙ୍କୁ ଅସ୍ତବ୍ୟସ୍ତ କରିପକାଇଲାଣି। ଦରଦାମ ବୃଦ୍ଧିରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଯାହାର ଫାଇଦା ବ୍ୟବସାୟୀଙ୍କୁ ବେଶ ସୁହାଉଛି। ପର୍ବପର୍ବାଣି ଆଉ ନିହାତି ଆବଶ୍ୟକ ସମୟରେ ସାମଗ୍ରୀ ମୂଲ୍ୟରେ ସେମାନେ ମନଇଚ୍ଛା ବୃଦ୍ଧି କରୁଥିବା ଦେଖିବାକୁ ମିଳୁଛି। ସାଧାରଣତଃ ଆମ ବଜାର ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ସାମଗ୍ରୀ ମୂଲ୍ୟରେ ହ୍ରାସର କଳ୍ପନା କରାଯାଇପାରୁ ନାହିଁ। ବିଶେଷକରି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଆଳୁ ଓ ପିଆଜ ପାଇଁ ଯାଜପୁର ଜିଲାବାସୀ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ଉପରେ ନିର୍ଭର କରିଥାନ୍ତି। କେତେକାଂଶରେ କଟକ ଓ ଭୁବନେଶ୍ୱର ଉପରେ ମଧ୍ୟ ବେପାରୀ ନିର୍ଭରଶୀଳ ହେଉଥିବାରୁ ଦରଦାମ ବୃଦ୍ଧି ପାଉଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମାର୍କେଟିଂ ଇଣ୍ଟେଲିଜେନ୍ସ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୧ବର୍ଷ ମଧ୍ୟରେ କେଜି ପ୍ରତି ଅଟା ୬ ଟଙ୍କା, ମୁଗ ଡାଲି (୨ୟ କ୍ୱାଲିଟି) ୧୭ ଟଙ୍କା, ହରଡ ଡାଲି(୨ୟ କ୍ୱାଲିଟି) ୨୫ ଟଙ୍କା, ବୁଟ ଡାଲି ୧୦ ଟଙ୍କା, ସୋରିଷ ତେଲ(୨ୟ କ୍ୱାଲିଟି) ୪ ଟଙ୍କା, ଚିନି(ଏମ-୩୦) ୬ ଟଙ୍କା, ଗୁଡ ୬ ଟଙ୍କା ଏବଂ ପିଆଜ ୬ ଟଙ୍କା ବୃଦ୍ଧିପାଇଛି। ଏହାବାଦ ନିର୍ବାଚନ ପୂର୍ବରୁ ହରଡଡାଲି ୭୫ ଟଙ୍କା ରହିଥିବାବେଳେ ଆଜିର ଦିନରେ ତାହା ୯୦ ଟଙ୍କାକୁ ବୃଦ୍ଧି ଘଟିଛି। ଯାହାକି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀ ପରିବାରଙ୍କ ମୁଣ୍ଡରେ ଚଡ଼କ ପଡିଛି।

ରାଜ୍ୟ ସରକାର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରି ପାରିନାହାନ୍ତି। ବନ୍ୟା ବାତ୍ୟା ସମୟରେ ବିଭିନ୍ନ ସରକାରୀ କେନ୍ଦ୍ରରୁ ଆସୁଥିବା ଖାଦ୍ୟ ସାମଗ୍ରୀକୁ ବେପାରୀମାନେ ମହଜୁଦ ରଖି କଳାବଜାରକୁ ଛାଡ଼ି ମୁନାଫା ଅର୍ଜନ କରୁଛନ୍ତି। ପ୍ରଶାସନର ନିୟନ୍ତ୍ରଣ ରହି ପାରୁ ନ ଥିବାରୁ ଖାଉଟି ଶୋଷଣର ଶିକାର ହୋଇ ଆସୁଛନ୍ତି। ଅନ୍ୟପକ୍ଷେ ରାଜ୍ୟରେ ଦ୍ରୁତ ବିକାଶ ଆଳରେ ନବୀନ ସରକାର ଯେଭଳି ଶିଳ୍ପାୟନ ପ୍ରତି ଗୁରୁତ୍ୱାରୋପ କରି କୃଷି ପ୍ରତି ଅବହେଳା କରିଛନ୍ତି ତାହାର ପ୍ରଭାବ ରାଜ୍ୟର ଗ୍ରାମାଞ୍ଚଳରେ ଗଭୀର ପ୍ରଭାବ ପଡିଛି। ବିଶେଷକରି କୃଷି ସହିତ ଡାଲି ଜାତୀୟ ଫସଲ ଉତ୍ପାଦନରେ ସରକାର ସେତେଟା କାର୍ଯ୍ୟପନ୍ଥା ଗ୍ରହଣ କରି ପାରିନାହାନ୍ତି। ଏହାବାଦ ପିଆଜ ଓ ଆଖୁ ଚାଷ ଉପରେ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଚାଷୀ ପୂର୍ବଭଳି ଆଉ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହିଁ। ଫଳରେ ଡାଲିଜାତୀୟ ଖାଦ୍ୟ ସାମଗ୍ରୀ ଦର ହୁହୁ ହୋଇ ବଢି ଚାଲିଛି। ଏହିକ୍ରମରେ ଗତ ବର୍ଷ ଅଟା ୨୨ ଟଙ୍କା ଥିଲାବେଳେ ଆଜିର ଦିନରେ ୨୮ ଟଙ୍କା, ମୁଗ ଡାଲି ୬୬ ଟଙ୍କାରୁ ୮୩ ଟଙ୍କା, ହରଡ ଡାଲି ୬୫ ରୁ ୯୦ ଟଙ୍କା, ବୁଟ ଡାଲି ୫୩ ରୁ ୬୩ ଟଙ୍କା, ସୋରିଷ ତେଲ ୧୦୨ ରୁ ୧୦୬ ଟଙ୍କା, ଚିନି ୩୪ ଟଙ୍କାରୁ ୪୦ ଟଙ୍କା, ଗୁଡ ୪୨ ଟଙ୍କାରୁ ୪୮ ଟଙ୍କା ଏବଂ ପିଆଜ ୧୪ ଟଙ୍କାରୁ ୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

# ଲୁହାରଡ ଜବତ, ୩ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର, ୨୮।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଘନଶ୍ୟାମ ସାହୁଙ୍କ ଘରୁ ଲୁହାରଡ ଚୋରି ଘଟଣାରେ ମଙ୍ଗଳବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଚୋରି ହୋଇଥିବା ରଡ ଜବତ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ସାତୁଆ ପାଟଣା ଗ୍ରାମର ରବି ସାହୁ(୫୬), ଦହିପୁର ଗ୍ରାମର ବସନ୍ତ ସ୍ୱାଇଁ (୩୫), ଚୌଷଠିପଡା ଗ୍ରାମର ରବି ରଣା(୨୮)। ପ୍ରକାଶ ଯେ, ଘନଶ୍ୟାମ ଘର ଛାତ ପକାଇବା ପାଇଁ ୧୨ କୁଇଣ୍ଟାଲ ରଡ କିଣି ଘର ପାଖ ବାରିରେ ରଖିଥିଲେ। ୨୪ ତାରିଖ ରାତିରେ ରବି ନିଜ ସହଯୋଗୀଙ୍କ ସହ ବିଶି ମିଶି ଟାଟାଏସି ସାହାଯ୍ୟରେ ଚୋରି କରିନେଇଥିଲେ। ଏ ନେଇ ଘନଶ୍ୟାମ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୧୩/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମନୋରଞ୍ଜନ ଦାସ, କନଷ୍ଟେବଳ ସୁନୀଲ କୁମାର ସାମଲ, ସେକ୍ ଅସରଫ ଅଲ୍ଲୀ ରାଜ, ପ୍ରତାପ କୁମାର ମଲ୍ଲିକ ଚଢାଉ କରି ତିନି ଜଣଙ୍କୁ ଗିରଫ କରିଥିଲେ।

# ୩୦ରେ ଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ

**ଡୁବୁରୀ,୨୮।୫(ଡି.ଏନ୍.ଏ.)**

ଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟି ଓ ଡୁବୁରୀ ଗ୍ରାବାସୀଙ୍କ ସହଯୋଗରେ ଆସନ୍ତା ୩୦ ତାରିଖରେ ଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ ଆୟୋଜିତ ହେବ। ଏ ନେଇ ପ୍ରସ୍ତୁତି ଜୋରଦାର ଚାଲିଥିବା ଟ୍ରଷ୍ଟି ପକ୍ଷରୁ ସୂଚନା ଦିଆଯାଇଛି। ଡୁବୁରୀ ହାଟ ପଡିଆଠାରେ ପବିତ୍ର ଜଳ କ୍ରଡ଼ା ଏକାଦଶୀ ତିଥିରେ ପୂର୍ଣ୍ଣ ଆଧାତ୍ମିକ ପରିବେଶରେ ବହୁ ଅଭିଜ୍ଞ ବ୍ରାହ୍ମଣ ଓ ପଣ୍ଡିତଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଟ୍ରଷ୍ଟିର ଆବାହକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

### ମହଙ୍ଗା ପଡ଼ିଲା ବାହା ହେବା ଜିଦ୍
# ଜେଲ୍ ଗଲେ ପ୍ରେମିକ

**କୋରେଇ,୨୮।୫(ସ୍ୱ.ପ୍ର.)**

ଯୁବତୀଙ୍କୁ ଜୋର ଜବରଦସ୍ତ ବିବାହ କରିବା ଓ ବଜାରରେ ଟଣାଓଟରା କରିବା ଅଭିଯୋଗରେ କୋରେଇ ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଯାଇଛି। ଅଭିଯୁକ୍ତ ହେଲେ ବରୁଣ୍ଡାଇ ଗ୍ରାମର ନିରଞ୍ଜନ ସାହୁ (୨୮)। ପ୍ରକାଶ ଯେ, ପାଣିକୋଇଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ନିରଞ୍ଜନଙ୍କ ପ୍ରେମ ସମ୍ପର୍କ ଥିଲା। ମାତ୍ର ନିରଞ୍ଜନ ବିବାହ କରିବାକୁ ଜିଦ୍ କରିଥିବାବେଳେ ଯୁବତୀ ଜଣକ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯୁବତୀ ଜଣକ କୌଣସି କାମରେ ବରୁଣ୍ଡାଇ ବଜାର ଯାଇଥିଲେ। ଏହି ସମୟରେ ନିରଞ୍ଜନ ସାଙ୍ଗମାନଙ୍କ ସହ ମିଶି ତାଙ୍କୁ ବିବାହ ପାଇଁ ଜିଦ କରିବା ସହ ଟଣାଓଟରା କରିଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୧୨/୧୯) ରୁଜୁ କରିଛି।

# ପାଲ ପାଇଁ ଗଣ୍ଡଗୋଳ: ଯୁବକ ଗିରଫ

**କଳିଙ୍ଗନଗର,୨୮।୫(ଡି.ଏନ.ଏ.):** ଦାନଗଦୀ ତହସିଲ ଅନ୍ତର୍ଗତ ମାନ୍ତିରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜଣେ ଯୁବକ ପାଲ ପାଇଁ ଗଣ୍ଡଗୋଳ କରି ମଙ୍ଗଳବାର ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ମାନ୍ତିରା ଗ୍ରାମର ଅନ୍ତର୍ଯାମୀ ପାଲ (୪୦)। ବାତ୍ୟା ପ୍ରଭାବରେ ଅନ୍ତର୍ଯାମୀଙ୍କ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ତାଙ୍କୁ କାହିଁକି ପାଲ ମିଳିନି, ସେ ନେଇ ପାଟିତୁଣ୍ଡ କରିବା ସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର କିରାଣି ଗିରିଜା ଶଙ୍କର ସାମନ୍ତରାୟଙ୍କୁ ମାଡ଼ ମାରିଥିଲେ। ରାଜସ୍ୱ ନିରୀକ୍ଷକ ଶିବାନୀ ସିଂ ଓ ଗିରିଜା ଶଙ୍କର ସାମନ୍ତରାୟ ଯଖପୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୮/୧୯) ରୁଜୁ କରିଛି।

# କୋରେଇ ଯୋଗାଣ ବିଭାଗରେ ଭିଜିଲାନ୍ସ ଚଢ଼ାଉ

**କୋରେଇ, ୨୮।୫(ସ୍ୱ.ପ୍ର.)**



ଭିଜିଲାନ୍ସ ବିଭାଗ ବ୍ଲକ୍ କାର୍ଯ୍ୟାଳୟରେ ନଥିପତ୍ର ଯାଞ୍ଚ କରୁଛନ୍ତି।

- ଭିଜିଲାନ୍ସ ଜାଲରେ ଯୋଗାଣ ଅଧିକାରିଣୀଙ୍କ ସ୍ୱାମୀ
- ପୁରୀରେ ଟ୍ରାପ ପରେ କୋରେଇରେ ତନାଘନା
- ତାହାରପୁର ଆବାସ ଘୋଟାଲାର ବି ତଦନ୍ତ କଲା ପୋଲିସ

କୋରେଇ ବ୍ଲକ ଯୋଗାଣ ଅଧିକାରିଣୀଙ୍କ ସ୍ୱାମୀ ତଥା ପୁରୀ ଜିଲା ଗୋପ ଥାନା ଥାନାଧିକାରୀ ସୌମ୍ୟଚିତ ମିଶ୍ରଙ୍କୁ ଲାଞ୍ଚ ନେବା ଅଭିଯୋଗରେ ସୋମବାର ଭିଜିଲାନ୍ସ ଗିରଫ କରିଥିଲା। ସୌମ୍ୟଚିତଙ୍କ ଗିରଫ ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଭଦ୍ରକ ସମରାଇପୁରସ୍ଥିତ ପୈତୃକ ଘର ଓ ଗୋପ ଥାନାରେ ଥିବା କ୍ୱାର୍ଟରରେ ତଲାସି କରାଯାଇଥିଲା। ମଙ୍ଗଳବାର ଯାଜପୁର ଜିଲା ଭିଜିଲାନ୍ସ ପକ୍ଷରୁ ଏକ ୩ଜଣିଆ ଟିମ୍ କୋରେଇ ବ୍ଲକ ଯୋଗାଣ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଚଢାଉ କରିଥିଲେ। ତେବେ କିଛି ତଥ୍ୟ ପାଇ ନ ଥିବା ଜଣାପଡ଼ିଛି। କିନ୍ତୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଭିଜିଲାନ୍ସ ଟିମ୍ କୋରେଇ ବ୍ଲକ କାର୍ଯ୍ୟାଳୟରୁ ତାହାରପୁର ଆବାସ ଦୁର୍ନୀତି ଘଟଣାର ତଦନ୍ତ କରି କିଛି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କୋରେଇ ଯୋଗାଣ ବିଭାଗ ଅଧିକାରିଣୀ କେ.ଆକସ୍ମିକା ରାଉତରାୟଙ୍କ ସ୍ୱାମୀ ତଥା ଗୋପ ଥାନାର ଥାନାଧିକାରୀ ଏକ ଗଣ୍ଡଗୋଳ ଘଟଣାରେ ମାମଲା ରୁଜୁ କରିବାକୁ ୫ହଜାର ଟଙ୍କା ଦାବି କରିଥିଲେ। ପରେ ତାହା ୩ହଜାର ଟଙ୍କାରେ ତୁଟିଥିଲା। ସୋମବାର ଆଇଆଇସି ମିଶ୍ରଙ୍କ ଟେବୁଲରେ ୩ ହଜାର ଟଙ୍କା ଲାଞ୍ଚ ଦିଆଯାଉଥିବାବେଳେ ପୁରୀ ଜିଲା ଭିଜିଲାନ୍ସ ହାତରେ ଧରାପଡିଥିଲେ। ଉକ୍ତ ଘଟଣାର ତଦାରଖ କରିବାକୁ ଯାଇ ଯାଜପୁର ଭିଜିଲାନ୍ସ ବିଭାଗ ଡିଏସ୍‌ପି ବନମାଳି ଧଳଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଅନୁସୟା ସେନାପତି ଓ ସହଯୋଗୀ ପ୍ରଦୀପ୍ତ ପତି ସୋମବାର ବିଳମ୍ବିତ ରାତିରେ କୋରେଇ ବ୍ଲକରେ ପହଞ୍ଚି ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ସିଲ୍ କରିବା ସହିତ ଜଗି ରହିଥିଲେ। ରାଉତରାୟ ସୋମବାର କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଭିନ୍ନ ନଥିପତ୍ର ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ଆପତ୍ତି ଜନକ କାଗଜପତ୍ର ମିଳି ନ ଥିଲା। ମାତ୍ର ୨୦୧୭ ମସିହାରେ ତାହାରପୁର ଏବଂ ସାଦକପୁର ପଞ୍ଚାୟତରେ ହୋଇଥିବା ଆବାସ ଦୁର୍ନୀତି ଘଟଣାର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭିଜିଲାନ୍ସ ଟିମ୍‌ର ହସ୍ତଗତ ହୋଇଛି। ଆବାସ ଦୁର୍ନୀତି ଘଟଣାରେ ମିଳିଥିବା କାଗଜ ପତ୍ରକୁ ନେଇ ଖୁବ୍‌ଶୀଘ୍ର ତଦନ୍ତ କରାଯିବ ବୋଲି ଡିଏସ୍‌ପି ଧଳ ପ୍ରକାଶ କରିଛନ୍ତି।

# ଇସ୍ତଫା ଦେଲେ ବରୀ ବ୍ଲକ ଅଧ୍ୟକ୍ଷା

**ବରୀ,୨୮।୫(ସ୍ୱ.ପ୍ର.)**

ବରୀ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସୁନନ୍ଦା ଦାସ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ସୁନନ୍ଦା ବିଧାୟିକା ଭାବେ ଶପଥ ନେବେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ସେ ଅଙ୍ଗାଳ ସମିତି ସଭ୍ୟା ହୋଇ ବରୀ ବ୍ଲକ ଅଧ୍ୟକ୍ଷାଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ସୁନନ୍ଦାଙ୍କ ରାଜନୀତି ଗତିପଥ ବଦଳିଯାଇଛି। ବିଜେଡିରୁ ଟିକେଟ ପାଇ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ସୁନନ୍ଦା ଦାସ ଅଧ୍ୟକ୍ଷା ପଦବୀରୁ ଇସ୍ତଫା ପରେ ବରୀ ବ୍ଲକ ପ୍ରଶାସନ ଅଙ୍ଗାଳ ସମିତି ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ପୁନର୍ବାର ନିର୍ବାଚନ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ବରୀରେ ବ୍ଲକ ଅଧ୍ୟକ୍ଷ ପଦ ଖାଲି ପଡିଥିବାବେଳେ ଏହାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ରାଜନୀତି ଗୋଟି ଚାଳନାରେ ସୁନନ୍ଦାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ବେଶ୍ ପାରଙ୍ଗମ ବୋଲି କୁହାଯାଉଛି। ଦେବେନ୍ଦ୍ରଙ୍କ ଗୋଟି ଚାଳନାରେ ବିଜେଡି ହାତରେ ଅଧ୍ୟକ୍ଷ ପଦ ରହିଯିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ଖାଇବାକୁ ଦେବାରେ ବିଳମ୍ବ ହେବାରୁ ରଶି ଲଗାଇଲେ ଶାଶୁଶ୍ୱଶୁର
# ଶ୍ୱଶୁର ମୃତ, ଶାଶୁ ଗୁରୁତର

**ବିଞ୍ଝାରପୁର,୨୮।୫(ଡି.ଏନ୍.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅର୍ନ୍ତଗତ ବରପଦା ପଞ୍ଚାୟତ ତଳବନ୍ଧ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଶ୍ୱଶରଙ୍କୁ ବୋହୂ ଖାଇବାକୁ ଦେବାରେ ବିଳମ୍ବ କରିବାରୁ ଉଭୟ ରଶି ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଶ୍ୱଶୁରଙ୍କ ମୃତ୍ୟୁ ହୋଇଥିବାବେଳେ ଶାଶୁ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଶାଶୁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁସାରେ, ତଳବନ୍ଧ ଗ୍ରାମର ଶିବ ଚରଣ ମଲିକ(୬୭) ଓ ସ୍ତ୍ରୀ ସତ୍ୟଭାମା ମଲିକ (୬୪) ଖାଇବାକୁ ଦେବା ପାଇଁ ବୋହୁଙ୍କୁ କହିଥିଲେ। ତେବେ ଏଥିରେ ବିଳମ୍ବ ହେବାରୁ ଉଭୟ ଘରେ ରଶି ଦେଇଥିଲେ ବୋଲି ଚର୍ଚ୍ଚା ହେଉଛି।

### ଭାଷା-ସାହିତ୍ୟ-କଳା-ସଂସ୍କୃତି ମହାସଭାର କାର୍ଯ୍ୟକାରୀ କମିଟି ବୈଠକ
# 'ସଙ୍କଟାପନ୍ନ ଅବସ୍ଥାରେ ଆଜି ଆମ ସଂସ୍କୃତି'

**ଯାଜପୁର ଅଫିସ,୨୮।୫**




ବୈଠକରେ ଉପସ୍ଥିତ ଅତିଥି।

ସାରା ଓଡ଼ିଶା ଭାଷା-ସାହିତ୍ୟ-କଳା-ସଂସ୍କୃତି ମହାସଭାର ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ଶ୍ରମିକ ନେତା ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ବଲାଙ୍ଗୀର, ସୋନପୁର, ବରଗଡ଼, ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର କାର୍ଯ୍ୟକାରୀ କମିଟି ସଭ୍ୟାସଭ୍ୟମାନେ ପହଞ୍ଚିଥିଲେ। ଶିକ୍ଷାବିତ ହରିହର କାନୁନ୍‌ଗୋ, ମହାସଚିବ ଦଣ୍ଡପାଣି ମହାପାତ୍ର, ସଂଗଠନ ସଂପାଦକ ଗୌରାଙ୍ଗ ରାଉତ, ଶିକ୍ଷାବିତ୍ ଇନ୍ଦିରା ଦାସ ପ୍ରଥମେ ମହାସଭାର ବୈପ୍ଳବିକ ଅଭିନନ୍ଦନିକା 'ମହାନାୟକ ମାୟାଧର'କୁ ଉନ୍ମୋଚନ କରିଥିଲେ। ଭାଷା-ସାହିତ୍ୟ-କଳାର ବୁନିଆଦିକୁ ଅତିକ୍ରମ କରି ଆଗେଇ ନ ପାରିଲେ ଆମ ସଂସ୍କୃତି ଯେ ନିତ୍ୟାନ୍ତ ସଙ୍କଟାପନ୍ନ ଏହା ନିଃସନ୍ଦେହ। ତେଣୁ ଆସନ୍ନ ସଂଗ୍ରାମର ଏ ସୁଦୀର୍ଘ ଯାତ୍ରାପଥରେ ଜଣେ ଜଣେ ମହାବିପ୍ଳବୀ ହେବାର ବଜ୍ରଶପଥ ନେବାର ସମୟ ଆସିଛି ବୋଲି ସଭାପତି ନାୟକ ଆହ୍ୱାନ ଦେଇଥିଲେ। କାନୁନ୍‌ଗୋ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭାଷାର ପ୍ରାଚୀନତା, ମୌଳିକତା, ସୁରକ୍ଷା ଓ ସମୃଦ୍ଧି ସମ୍ପର୍କରେ ବିଶଦ ଆଲୋଚନା କରି ସଂକଳ୍ପ, ସହଯୋଗ, ସେବା ଓ ସମର୍ପଣକୁ ଏକାକାର କରିଦେବାକୁ ଆହ୍ୱାନ ଦେଇଥିଲେ। ଭଦ୍ରକରୁ ଆସିଥିବା ଦୀନବନ୍ଧୁ ବେହେରା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷିକା ରିଙ୍କି ପଧାନ, ଗଞ୍ଜାମ ଜିଲାର ପ୍ରହ୍ଲାଦ ବେହେରା, ଯାଜପୁରର ଅଧ୍ୟାପକ ସୁକାନ୍ତ ରାଉତ, ବିଷମକଟକର ଶ୍ରୀରଙ୍ଗ ନାୟକ, ବଲାଙ୍ଗୀରର ବିରଞ୍ଚି ନାରାୟଣ ଦାସ, ରାୟଗଡାର ପୂର୍ଣ୍ଣଚନ୍ଦ୍ର ଗୌଡ଼, ଚିଫ କମାଣ୍ଡର ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀର ଲକ୍ଷ୍ମଣ ଦାସ, ରାୟଗଡାର ସୁନୀତା ପଣ୍ଡା, ପୋଲସରାରୁ ପ୍ରଦୀପ କୁମାର ସାହୁ, ବାଲେଶ୍ୱରର ରେବତୀ ନାୟକ, କେନ୍ଦ୍ରାପଡାର ସାବିତ୍ରୀ ମହାରଣା, କୋରେଇର ଭୁବନମୋହନ ମହାନ୍ତି, ଇନ୍ଦିରା ଦାସ, ମହାସଚିବ ଦଣ୍ଡପାଣି ମହାପାତ୍ର, ସଂଗଠନ ସଂପାଦକ ଗୌରାଙ୍ଗ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମହାସଭା ଶୀତ ସମ୍ମିଳନୀ ଆସନ୍ତା ୨୦୨୦ ଜାନୁୟାରୀରେ କୋରାପୁଟ ଜିଲା ସେମିଳିଗୁଡ଼ାରେ ଅନୁଷ୍ଠିତ ହେବାପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାବାଦ ୩୦ଟି ଜିଲାରେ ବିଭିନ୍ନ ସମୟରେ ସାଂସ୍କୃତିକ ଷଡଯନ୍ତ୍ର ବିରୋଧରେ ଜନଜାଗରଣ ପାଇଁ ଆଲୋଚନା ସଭା ଏବଂ ଆସନ୍ତା ଜୁଲାଇ ୧୦ ତାରିଖରେ ସାରା ଓଡ଼ିଶାର ଲେଖିକାଲେଖକଙ୍କ ଆଷାଢ଼ ଆସର ପୁରୀଠାରେ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ପୋତି ହୋଇଗଲାଣି ଜାରକା ବଜାର ଡ୍ରେନ୍
# ସଫେଇ ପାଇଁ ବ୍ୟବସାୟୀ ସଂଘର ଦାବି

**ଧର୍ମଶାଳା,୨୮।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଜାରକା ବଜାରରେ ନିର୍ମିତ ଡ୍ରେନ୍‌ଗୁଡିକ ପୋତି ହୋଇପଡିଛି। ଫଳରେ ପାଣି ନିଷ୍କାସନ ହୋଇ ନ ପାରିବାରୁ ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଦୈନନ୍ଦିନ ବଜାରକୁ ବିଭିନ୍ନ କାମରେ ବହୁଲୋକ ଆସୁଥିବାବେଳେ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ କରି ନିଜର ବ୍ୟବସାୟ ଚଳାଉଛନ୍ତି। ଡ୍ରେନେଜ୍ ସମସ୍ୟା ସମ୍ପର୍କରେ ବ୍ୟବସାୟୀ ସଂଘ ପକ୍ଷରୁ ଏନ୍‌ଏଚ୍ ଅଧିକାରୀ ଓ ଜିଲା ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରି ନ ଥିବା ଅଭିଯୋଗ କରିଛନ୍ତି। ଏଭଳିସ୍ଥିତିରେ ଆଗକୁ ବର୍ଷା ଦିନ ଆସୁଥିବାରୁ ଅଧିକ ବର୍ଷା ହେଲେ ଅସନା ପାଣିଗୁଡିକ ଦୋକାନ ଘରେ ପଶିଯିବା ନେଇ ବ୍ୟବସାୟୀ ଚିନ୍ତା ପ୍ରକଟ କରିଛନ୍ତି। ଫନୀ ବାତ୍ୟାରେ ପ୍ରବଳ ବର୍ଷା ହେବା ଫଳରେ ଅନେକ ଦୋକାନରେ ପାଣି ପଶିଯାଇଥିଲା। ଫଳରେ ଦୋକାନୀମାନେ ନାହିଁ ନଥିବା ହୀନସ୍ତା ହୋଇଥିଲେ। ଜାତୀୟ ରାଜପଥ ପ୍ରସସ୍ତୀକରଣ ସମୟରେ ୨୦୦୦ରେ ରାଜପଥର ଜାରକା ବଜାରର ଉଭୟ ପାର୍ଶ୍ୱରେ ପାଣି ନିଷ୍କାସନ ଲାଗି ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ ପରଠାରୁ ଅଦ୍ୟାବଧି ଏହାକୁ ସଫା କରାଯାଇ ନାହିଁ। ଫଳରେ ଡ୍ରେନ୍‌ରେ ଅଳିଆ ଆବର୍ଜନା ପଡି ସମ୍ପୂର୍ଣ୍ଣ ଭାବରେ ପୋତି ହୋଇପଡିଛି। ଅପରପକ୍ଷେ ଅନେକ ଜାଗାରେ ଡ୍ରେନ୍ ଉପରେ ଉଠା ଦୋକାନୀ ଦୋକାନ ଖୋଲି ଜବର ଦଖଲ କରି ବସି ଥିବା ଜଣାପଡିଛି। ଜାରକା ବଜାରର ଉଭୟ କମିଟି ପକ୍ଷରୁ ତୁରନ୍ତ ଡ୍ରେନ୍ ସଫା କରିବା ପାଇଁ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିବା ବଡ଼ବଜାର କମିଟିର ସଭାପତି କିଶୋର ନାୟକ ସୂଚନା ଦେଇଛନ୍ତି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍

## ସଂକ୍ଷେପରେ

### ସ୍କୁଟିକୁ ଚାପି ଦେଲା ଟ୍ରକ୍ : ଯୁବକ ମୃତ

**ନୟାଗଡ଼ ଅଫିସ/ରଣପୁର(ସ୍ୱ.ପ୍ର.),୨୮।୫:** ନୟାଗଡ଼ ଜିଲା ରଣପୁର ବ୍ଲକ ଗୌରାଙ୍ଗପୁର ଛକଠାରେ ମଙ୍ଗଳବାର ରାତିରେ ଏକ ଟ୍ରକ୍ ଗୋଟିଏ ସ୍କୁଟିକୁ ଧକ୍କା ଦେବାରୁ ସ୍କୁଟି ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗୌରାଙ୍ଗପୁର ଗ୍ରାମର ସୁଶାନ୍ତ ପଢ଼ିଆରୀଙ୍କ ପୁଅ ସୌମ୍ୟରଞ୍ଜନ ପଢ଼ିଆରୀ (୨୩)। ପ୍ରକାଶ ଯେ, ଗୌରାଙ୍ଗପୁର ଛକଠାରେ ଥିବା ଏକ ସିମେଣ୍ଟ ଦୋକାନକୁ ୧୮ ଚକିଆ ଟ୍ରକ୍ ସିମେଣ୍ଟ ବୋଝେଇ କରି ଆସିଥିଲା। ସିମେଣ୍ଟ ଦୋକାନରେ ଅନ୍‌ଲୋଡ କରିସାରିବା ପରେ ରାତ୍ର ୮ଟାରେ ଟ୍ରକ୍ ଡ୍ରାଇଭର ଗାଡ଼ିକୁ ପଛକୁ କରୁଥିବା ବେଳେ ପଛପଟୁ ଆସୁଥିବା ସ୍କୁଟିକୁ ଚାପି ଦେଇଥିଲା। ଘଟଣାସ୍ଥଳରେ ସୌମ୍ୟରଞ୍ଜନ ସ୍କୁଟି ସହ ଟ୍ରକ ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସୌମ୍ୟଙ୍କୁ ଉଦ୍ଧାର କରି ନିକଟସ୍ଥ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ସୌମ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇ ଗାଡ଼ି ଡ୍ରାଇଭର ଫେରାର୍ ହୋଇ ଯାଇଥିବା ବେଳେ ରଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି



**ଦଶପଲ୍ଲା,୨୮।୫(ଡି.ଏନ.ଏ.):** ମଙ୍ଗଳବାର ଅପରାହ୍ନରେ ଦଶପଲ୍ଲା ଅଞ୍ଚଳରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କୁଆପଥର ବର୍ଷା ସହ ଝଡ଼ତୋଫାନ ହୋଇ ବଡ଼ ବଡ଼ ଗଛମାନ ଭାଙ୍ଗି ଯାଇଛି। ବିଭିନ୍ନ ଅଞ୍ଚଳରେ ବହୁ ଚାଳଛପର ଉଡ଼ାଇ ନେଇଥିବାବେଳେ ବିଦ୍ୟୁତ ଖୁଣ୍ଟମାନ ଭାଙ୍ଗି ଯାଇଛି। ଫଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ସ୍ଥାନୀୟ ପିଙ୍କି ଛକଠାରେ ଏକ ଗ୍ୟାରେଜରେ ଥିବା ଗୋଟିଏ ଘରୋଇ ବସ ଓ ମିନିଟ୍ରକ୍ ଉପରେ ଗୋଟିଏ ଗଛ ଭାଙ୍ଗି ପଡ଼ିଛି। ଖବର ଲେଖା ହେଲା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇ ସମଗ୍ର ଅଞ୍ଚଳ ଅନ୍ଧାର ମଧରେ ରହିଥିଲା।

### ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ ଘେରରେ

**ବ୍ରହ୍ମପୁର ଅଫିସ୍,୨୮।୫:** ପୋଲସରା ଥାନା ଅନ୍ତର୍ଗତ ବାଲିଘାଇ ନିକଟ ଖଜୁରିଆ ନାଳ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ସେ ହେଲେ ପୋଲସରା ପାଟଣାପଦର ସାହିର ଦଣ୍ଡପାଣି ପ୍ରଧାନ (୮୫)। ଏ ନେଇ ନଂ.୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ରିପୋର୍ଟ ଆସିବା ପରେ ଦଣ୍ଡପାଣିଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି । ଖଜୁରିଆ ନାଳ ନିକଟ ଏକ ଗଛରେ ମୃତଦେହ ଝୁଲୁଥିବା ଘଟଣା ଜଣାପଡିବା ପରେ ସେଠାରେ ପୋଲିସ ପହଞ୍ଚିଥିଲା। ପାଟଣାପଦରର ଭଗବାନ ପ୍ରଧାନ ଘଟଣାସ୍ଥଳକୁ ଆସି ମୃତଦେହ ତାଙ୍କ ଜେଜେବାପା ଦଣ୍ଡପାଣିଙ୍କର ବୋଲି ଚିହ୍ନଟ କରିଥିଲେ। ତେବେ ଦଣ୍ଡପାଣିଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ସନ୍ଦେହରେ ରହିଛନ୍ତି।

■ ନଦୀରେ ଭାସିଯାଇ ପରିବାର ମୁଖ୍ୟଙ୍କ ମୃତ୍ୟୁ ଘଟଣା

# ୧୦ମାସ ପରେ ବି ମିଳିଲାନି ସହାୟତା

■ ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର

■ ଦୁର୍ଦ୍ଦିନରେ କାଳ କାଟୁଛନ୍ତି ପରିବାର

**ନୂଆଗାଁ,୨୮।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତ ଲୁଣିସରା ବାଲିସାହି ଗ୍ରାମର ଜଣେ ପରିବାର ମୁଖ୍ୟ ନଦୀରେ ଭାସିଯାଇ ପ୍ରାଣ ହରାଇଥିଲେ। ସହାୟତା ରାଶି ପ୍ରଦାନ ଦାବିରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ରାଜପଥ ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଇତିମଧ୍ୟରେ ୧୦ମାସ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାର ସହାୟତା ପାଇ ନ ଥିବାରୁ ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ବୋଲି ଏଠାରେ ଆଲୋଚନା ହେଉଛି। ଅନ୍ୟପଟେ ଅର୍ଥାଭାବରୁ ଏହି ପରିବାର ଦୁର୍ଦ୍ଦିନରେ କାଳ କାଟୁଛନ୍ତି।

ପ୍ରକାଶ ଯେ, ବାଲିସାହି ଗ୍ରାମର ପରିବାର ମୁଖିଆ କାଳିଆ ନାୟକ ୨୧ ଜୁଲାଇ ୨୦୧୮ରେ ଘରକୁ ଯିବା ପାଇଁ ବେଲପା ନଦୀ ପାର ହେଉଥିବା ସମୟରେ ବଢି ପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦଶପଲ୍ଲା ଓ ନୂଆଗାଁ ଦମକଳବାହିନୀ ବହୁ ଖୋଜାଖୋଜି କରି ଦୁଇଦିନ ପରେ କାଳିଆଙ୍କ ମୃତଦେହ ନଦୀର ଏକ ବୁଦା ନିକଟରୁ ଠାବ କରିଥିଲେ।



ମୃତ କାଳିଆଙ୍କ ପରିବାରବର୍ଗ।

ବାଲିସାହି ଗ୍ରାମକୁ ଯିବା ପାଇଁ ରାସ୍ତା ଓ ନଦୀରେ ପୋଲ ନ ଥିବାରୁ ଏପରି ଅଘଟଣ ଘଟିଲା ବୋଲି ସେତେବେଳେ ଗ୍ରାମବାସୀ ଅଭିଯୋଗ କରିଥିଲେ। ତେଣୁ ଶୀଘ୍ର ବାଲିସାହିକୁ ରାସ୍ତା ଓ ବେଲପା ନଦୀରେ ପୋଲ ନିର୍ମାଣ କରିବା ସହିତ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦାବି କରି ପରିବାର ଓ ଗ୍ରାମବାସୀ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ତତ୍କାଳୀନ ନୂଆଗାଁ ଥାନା ଅଧିକାରୀ ଏସ୍.ଏଫ. ଆଲାମ, ଏଏସ୍ଆଇ ପ୍ରସନ୍ନ କୁମାର ମିଶ୍ର, ନୂଆଗାଁ ତତ୍କାଳୀନ ବିଡିଓ ଦିବ୍ୟସିଂହ କହଁର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ସରକାରଙ୍କ ରିଲିଫ ପାଣ୍ଠିରୁ ସହାୟତା, ପରିବାରକୁ ଅନ୍ତ୍ୟୋଦୟ ଚାଉଳ, ଆବାସ ଯୋଜନାରେ ବାସଗୃହ ଆଦି ଯୋଗାଇଦେବା ସହ ଗାଁକୁ ରାସ୍ତା ଓ ନଦୀରେ ପୋଲ ନିର୍ମାଣ କରିବା ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ବାଲିସାହିବାସୀ ଆନ୍ଦୋଳନରୁ ଓହରିଥିଲେ। କିନ୍ତୁ ଦୀର୍ଘଦିନ ପରେ ବି କୌଣସି ଗୋଟିଏ ପ୍ରତିଶ୍ରୁତି ପ୍ରଶାସନ ରଖି ନ ଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର ଲୋକେ। ଘରର ମୁରବି ଚାଲିଗଲା ପରେ ରାଶନ କାର୍ଡରେ ମିଳୁଥିବା ୨୦ କେଜି ଚାଉଳକୁ ଭରସା କରି ଚଳୁଛନ୍ତି ପରିବାରର ଚାରିପ୍ରାଣୀ କୁଟୁମ୍ବ। ବଡ଼ିଲା ଝିଅକୁ ବାହା କରାଇବା ତ ଦୂରର କଥା, ଦୁଇପୁଅଙ୍କୁ ପାଠ ପଢାଇବା ଅସମ୍ଭବ ହୋଇପଡିଛି ବୋଲି କହିଛନ୍ତି କାଳିଆଙ୍କ ସ୍ତ୍ରୀ ବୁଧେଇ। ଖର୍ଚ୍ଚ କରିବା ପାଇଁ ପାଖରେ ଟଙ୍କାଟିଏ ନ ଥିବାବେଳେ ଧାରକରଜ କରି ନୂଆଗାଁ ତହସିଲ ଅଫିସ, ଥାନାକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ତାଙ୍କ ଝିଅ ଗୀତାଞ୍ଜଳି। ଏପରିକି ଜିଲାପାଳଙ୍କୁ ଭେଟି ମଧ୍ୟ ନିରାଶ ହୋଇଥିବା କହିଛନ୍ତି। ପରିବାରକୁ ସହାୟତା ମିଳିବା ସମ୍ପର୍କରେ ନୟାଗଡ଼ ଜିଲାପାଳ ଡ. ଏନ୍ ତିରୁମାଲା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, କାଳିଆଙ୍କ ପରିବାର ଲୋକଙ୍କ ବ୍ୟାଙ୍କ ଜମାଖାତାକୁ ୪ ଲକ୍ଷ ଟଙ୍କାର ସହାୟତା ପଠାଯିବା କଥା। ତାହା କରାଯାଇଛି କି ନାହିଁ ଦେଖିବା ପରେ ଯଦି ଦିଆଯାଇ ନ ଥିବ ଶୀଘ୍ର ପଠାଇବା ବ୍ୟବସ୍ଥା କରିବି।

■ କଙ୍ଗାରୁ କୋର୍ଟରେ ଦଣ୍ଡିତ କରାଯିବା ଘଟଣା

# ଥାନାରେ ଆପୋସ ସମାଧାନ

## ଜାତୀୟ ମାନବାଧିକାର କମିଶନଙ୍କୁ ଅବଗତ କଲେ ଆଇନଜୀବୀ

**ଖଣ୍ଡପଡ଼ା,୨୮।୫(ସ୍ୱ.ପ୍ର.)**

ନିକଟରେ ଖଣ୍ଡପଡ଼ା ଥାନା ସିଙ୍ଗିବାରୀ ଗ୍ରାମରେ କଙ୍ଗାରୁ କୋର୍ଟ ଦ୍ୱାରା କେତେଜଣ ନିରୀହ ଲୋକ ଦଣ୍ଡିତ ହୋଇଥିଲେ। ସେହିପରି ଆଇନଜୀବୀ ହୃଦାନନ୍ଦ ବେହେରା ବାସନ୍ଦ ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ଖଣ୍ଡପଡ଼ା ବାର୍ ଆସୋସିଏଶନର ଆଇନଜୀବୀ ବିକ୍ରମ ସାହୁ ଗତ ୧୭ ତାରିଖରେ ଏ ନେଇ ଜାତୀୟ ମାନବାଧିକାର କମିଶନ, ରାଜ୍ୟ ମାନବାଧିକାର କମିଶନ, ମୁଖ୍ୟ ଶାସନ ସଚିବ, ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଅବଗତ କରି ଏହାର ନିରାକରଣ ପାଇଁ ନିବେଦନ କରିଛନ୍ତି। ମଙ୍ଗଳବାର ଆପୋସ ଆଲୋଚନା ମାଧ୍ୟମରେ ଏହି ଘଟଣାର ସମାଧାନ ହୋଇଥିବା ଜଣାପଡିଛି। ଆଇନଜୀବୀ ସାହୁଙ୍କ ମତରେ ସମସ୍ତ ନାଗରିକଙ୍କ ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର ରହିଛି। ଦେଶରେ ନ୍ୟାୟପାଳିକା ବ୍ୟବସ୍ଥା ଥିବାବେଳେ କଙ୍ଗାରୁ କୋର୍ଟ ବେଆଇନ ଏବଂ ଏହାର ନିଷ୍ପତ୍ତି ଦ୍ୱାରା ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି । ପୋଲିସ ମାମଲା ରୁଜୁ କରି ନୀରବ ରହିବା ବିକଳ୍ପ ନୁହେଁ। ବରଂ ପ୍ରତିକାର ଓ ଉଚ୍ଛେଦ ପାଇଁ ପ୍ରଶାସନ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଗାଁ ଗାଁରେ ଲୋକଙ୍କୁ ସଚେତନ କରାଗଲେ ଏହାର ମୂଳୋତ୍ପାଟନ ହୋଇପାରନ୍ତା। ତେବେ କଙ୍ଗାରୁ କୋର୍ଟରେ ଦଣ୍ଡିତ ହୋଇଥିବା ଆଇନଜୀବୀ ହୃଦାନନ୍ଦଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ହୋଇଥିବାବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟିଗୋଚର ହେବା ପରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଥାନା ପ୍ରକୋଷ୍ଠରେ ଏକ ବୈଠକ କରାଯାଇଥିଲା। ଏଥିରେ ହୃଦାନନ୍ଦ ବେହେରା, ତାଙ୍କ ବାପା, ସିଙ୍ଗିବାରୀ ଗ୍ରାମବାସୀ, କୋସ୍କା, ଢୋଲମରା, କୁମ୍ଭାରପଡା, ଅଁଳାପଟା ଆଦି ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି, ଖଣ୍ଡପଡା ବାର୍ ଆସୋସିଏଶନର ବିକ୍ରମ ସାହୁ, ହିମାଂଶୁ ମୋହନ ପଟ୍ଟନାୟକ, ବିକ୍ରମ କେଶରୀ ଦେଓ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖଙ୍କ ସମେତ ଏସଡିପିଓ ଶ୍ରୀନିବାସ ମହାନ୍ତି, ଆଇଆଇସି ବିମଳ କୁମାର ମଲ୍ଲିକ ଉପସ୍ଥିତ ରହି ଆଲୋଚନା କରିଥିଲେ। ଗ୍ରାମଗୁଡିକରେ କଙ୍ଗାରୁ କୋର୍ଟ କରି ଲୋକଙ୍କୁ ଏକ ଘରିକିଆ, ବାସନ୍ଦ, ଜରିମାନା କରିବା ଭୁଲ୍। କୌଣସି ଗ୍ରାମବାସୀ ତଥା ସାଧାରଣ ନାଗରିକଙ୍କ ମୌଳିକ ଅଧିକାର ଉପରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ସିଙ୍ଗିବାରୀ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରାଯାଇ ଏକାଠି କରାଯିବା ସହ ଉତ୍ତମ ବୁଝାମଣା ହୋଇ ଚଳିବା ପାଇଁ ପରାମର୍ଶ ଦିଆଯାଇଛି। ଉଭୟ ପକ୍ଷ ଆଲୋଚନାରେ ସନ୍ତୁଷ୍ଟି ପ୍ରକାଶ କରି କୋଳାକୋଳି ହୋଇଥିବା ଏସଡିପିଓ ମହାନ୍ତି ସୂଚନା ଦେଇଥିଲେ।

# ଖଣ୍ଡପଡ଼ାରେ ଚନ୍ଦନଯାତ୍ରା ଉଦ୍‌ଯାପିତ



ଉତ୍ସବକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଖଣ୍ଡପଡ଼ା,୨୮।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ନିକଟ ଚନ୍ଦନ ବଜାରରେ ଦୀର୍ଘ ୨୧ଦିନ ବ୍ୟାପୀ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତବର୍ଷ ରାଜ ପରିବାର ପକ୍ଷରୁ ପରିଚାଳିତ ଜଗନ୍ନାଥ ଜୀଉଙ୍କ ଚନ୍ଦନଯାତ୍ରାରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଚନ୍ଦନ ଚାପ ପାଇଁ ବିଜେ ହୋଇଥିଲେ। ଏହି ଅବସରରେ ଖଣ୍ଡପଡାସ୍ଥିତ ମଦନ ମୋହନ ନାଟ୍ୟ ସଂସଦ ପକ୍ଷରୁ ୩୨ତମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିବସରେ ଭଜନ ସନ୍ଧ୍ୟା, ୨ୟ ଦିବସରେ ସାମାଜିକ ନାଟକ 'କିଏ ଭାଇ ବନ୍ଧୁ କିଏ କୁଟୁମ୍ବ' ପରିବେଷିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଏହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଆୟୋଜିତ ସଭାରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମୁଖ୍ୟଅତିଥି, ପଣ୍ଡିତ ମନୋଜ କୁମାର ଦାଶ ମୁଖ୍ୟବକ୍ତା ଓ ନାଟ୍ୟକାର ରାମଚନ୍ଦ୍ର ଦାଶ, ସୁଧାଂଶୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୟାଗଡ଼ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର କଣ୍ଠଶିଳ୍ପୀ ପ୍ରଜାମ୍ନା କୁମାର ରଥ ୨ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଉପସ୍ଥିତ କଳାକାରମାନଙ୍କୁ ମଧ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ ଶୀର୍ଷକ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୨୮।୫**

ଫନୀ ପରେ ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ ଶିଷର୍କ ଆଲୋଚନାଚକ୍ର ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ନାରାୟଣ ରାଓ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ ତ୍ରିକଳିଙ୍ଗର ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ଗୋପାଳ ଚନ୍ଦ୍ର ଲାଲା, ଶିବ ସୁନ୍ଦର ପଟ୍ଟନାୟକ ଓ ଯୋଗେଶ ରଥ, ସାହିତ୍ୟିକ ସୁରେଶ ଛୋଟରାୟ, ଗବେଷକ କିଶୋର ଜେନା ଓ ଅଜୟ ମାନ୍ଧତା ଅଭିନେତା ପ୍ରଶାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ ଉପରେ ଭିନ୍ନ ଭିନ୍ନ ମତ ରଖିଥିଲେ। ପ୍ରାୟ ୨ ହଜାର ବର୍ଷ ପୂର୍ବେ ପ୍ରଳୟଙ୍କାରୀ ବାତ୍ୟା ହୋଇ ରାଜଧାନୀ ଭୁବନେଶ୍ୱରରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ବିପନ୍ନମାନେ କ୍ଷତିଗ୍ରସ୍ତ ହୋଇ ଦୁଃଖଦ ଜୀବନଯାପନ କରିଥିଲେ। ସେତେବେଳର ରାଜଧାନୀର ନାଁ ଥିଲା କଳିଙ୍ଗ। ରାଜା ଥିଲେ ଖାରବେଳେ। ତେବେ କଳିଙ୍ଗାଧିପତି ପ୍ରାଚୀନ କଳିଙ୍ଗର ପୁରାତନ ବନ୍ଦର ନଗରୀ ପିଥୁଡ ସମେତ କଳିଙ୍ଗନଗରରେ ପୁନର୍ନିର୍ମାଣ ଓ ପୁର୍ନବିନ୍ୟାସ ଯୋଜନା କରି ପୁର୍ବାବସ୍ଥାକୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ। ଉଦୟଗିରିର ହାତିଗୁମ୍ଫା ଶିଳାଲେଖରେ ଏମିତି କିଛି ରୋଚକ ତଥ୍ୟ ରହିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସେହିପରି ଫନୀର ପରବର୍ତ୍ତୀ ପର୍ଯ୍ୟାୟରେ ପୁନଃନିର୍ମାଣ ଓ ପୁନଃବିନ୍ୟାସ ଯୋଜନାକୁ ତ୍ୱରାନ୍ୱିତ କରାଯିବା ଦରକାର।

# ଫନୀ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି ଋଣ ଆଦାୟକାରୀ ସଂସ୍ଥା

## ଜୋର୍‌ଜବରଦସ୍ତ କିସ୍ତି ଆଦାୟ ନେଇ ଅସନ୍ତୋଷ

**ନିରାକାରପୁର,୨୮।୫(ଡି.ଏନ୍.ଏ.)**

ସମ୍ପ୍ରତି ଫନୀ ଜନସାଧାରଣଙ୍କ ଜୀବନକୁ ବିପର୍ଯ୍ୟସ୍ତ କରିଛି। ଏ ପରିସ୍ଥିତିରେ ଋଣ ଆଦାୟକାରୀ ସଂସ୍ଥାଗୁଡ଼ିକ ଧାରନେଇଥିବା ଲୋକଙ୍କଠାରୁ କିସ୍ତି ଟଙ୍କା ଆଦାୟ କରିବାରେ ଟିକେ ବି ହେଳା କରିବାକୁ ଉଚିତ ମନେ କରୁନାହାନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଫାଇନାନ୍ସ କମ୍ପାନୀଗୁଡ଼ିକ ଗ୍ରାମାଞ୍ଚଳର ମହିଳାଗୋଷ୍ଠୀ ମାଧ୍ୟମରେ ଦେଇଥିବା ଋଣଟଙ୍କାକୁ ସାପ୍ତାହିକ, ପାକ୍ଷିକ ଓ ମାସିକ କିସ୍ତି ହିସାବରେ ଜୋରଜବରଦସ୍ତ ଆଦାୟ କରୁଛନ୍ତି। ତେଣୁ ଫନୀ ପ୍ରକୋପ ପରେ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପ ଜନସାଧାରଣଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣା କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମାଞ୍ଚଳର ଗରିବ ମହିଳା ଏବଂ ସମ୍ପୃକ୍ତ ପରିବାର ବିଭିନ୍ନ ପରିସ୍ଥିତିରେ ଅର୍ଥଲଗାଣ ସଂସ୍ଥାଙ୍କଠାରୁ ଶୋଷିତ ହେଉଥିବା କୁହାଯାଇଛି। ବାତ୍ୟା ପରେ ବ୍ୟାଙ୍କ୍, ଏଟିଏମ୍ ଏବଂ ବିଭିନ୍ନ ସେବା ବ୍ୟାହତ ହୋଇଥିବାରୁ ଏ ପରିସ୍ଥିତିରେ ବିପନ୍ନଙ୍କୁ ସାହାଯ୍ୟ, ସହାନୁଭୂତି ଦେଖାଇବା ବଦଳରେ ଯେମିତି ହେଲେ କିସ୍ତି ଟଙ୍କା ଦେବାକୁ ବାଧ କରାଯାଉଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଫାଇନାନ୍ସ କମ୍ପାନୀଗୁଡ଼ିକ ଉପରେ କଡ଼ାକଡ଼ି ନିୟମ ଲାଗୁ ହୋଇଥିବାବେଳେ ନିରାକାରପୁରରେ ଉକ୍ତ ସଂସ୍ଥାଗୁଡ଼ିକ ଲୋକଙ୍କୁ ଠକୁଥିବା ଅଭିଯୋଗ ହୋଇଛି । ଏହି ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ସରକାରୀ ନିୟମକୁ ଖାତିର୍ ନ କରି ଗରିବ ମହିଳାଙ୍କୁ ଅତ୍ୟଧିକ ସୁଧ ହାରରେ ଋଣ ଦେଇ ଲାଭବାନ ହେଉଛନ୍ତି । ଏଟିଏମ୍ ବନ୍ଦ ଥିଲେ ମଧ ଅନ୍ୟ ଏଟିଏମ୍‌ରୁ ଟଙ୍କା ଉଠାଇ କିସ୍ତି ଟଙ୍କା ଦେବାକୁ ରିକୋଭରି ଷ୍ଟାଫ୍‌ମାନେ କହୁଛନ୍ତି। ଏ ସମସ୍ୟା ସମ୍ପର୍କରେ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ, ଏଠାରେ କାର୍ଯ୍ୟ କରୁଥିବା ଫାଇନାନ୍ସ କମ୍ପାନୀ କର୍ମକର୍ତ୍ତାଙ୍କୁ ଡାକି ସେମାନଙ୍କର କାଗଜପତ୍ର (ଡକ୍ୟୁମେଣ୍ଟ) ଚେକ୍ କରିବା ପରେ ହିଁ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବାତ୍ୟାରେ ମଣିମୁହଁ ଛାରଖାର

**ନିରାକାରପୁର,୨୮।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅଧୀନ ରାଉଳହଜ ମୌଜାସ୍ଥିତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଆମ୍ବଗଛ ଥିବା ଏକ ତୋଟା ଫନୀ ଯୋଗୁ ଛାରଖାର ହୋଇଯାଇଛି। ଏହି ବିସ୍ତୃତ ସୁନ୍ଦର ସବୁଜ ଅଞ୍ଚଳଟି ମଣିମୁହଁ ନାମରେ ପରିଚିତ। ମଣିମୁହଁ ଯେପରି ସମସ୍ତଙ୍କୁ ଆକର୍ଷିତ କରିପାରୁଥିଲା ଫନୀ ପରେ ଏହାର ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ହରାଇ ସାରିଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। କାରଣ ବାତ୍ୟା ପବନରେ ହଜାର ହଜାର ଗଛ ଭାଙ୍ଗି, ଉପୁଡ଼ିଯାଇଛି। ରଜ ପର୍ବ ସମୟରେ ଝିଅମାନେ ଏଠାରେ ଥିବା ବୃକ୍ଷରେ ଦଉଡ଼ି ବାନ୍ଧି ରଜଦୋଳି କରୁଥିଲେ। ଏହାର ସୌନ୍ଦର୍ଯ୍ୟ ଫେରାଇ ଆଣିବାକୁ ପୁନର୍ବାର ଚାରାରୋପଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ମା'ଯୋଗମାୟା ଭାଗବତ ପ୍ରତିଯୋଗିତା ଉଦ୍‌ଯାପିତ

# ବାଘୁଆପଲ୍ଲୀ ଚାମ୍ପିୟନ

**ବୋଲଗଡ଼,୨୮।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବସ୍ତ ଗ୍ରାମସ୍ଥିତ ରାମଲୀଳା ସ୍ଥଳରେ ଚାଲିଥିବା ମା'ଯୋଗମାୟା ଭାଗବତ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ଭାପୁର ବ୍ଲକର ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ଚାମ୍ପିୟନ ହୋଇଛି। ବୋଲଗଡ଼ ବ୍ଲକର ଖଉରୁଣୀ ଭାଗବତ ମଣ୍ଡଳୀ ମୋଟ ୪୬ ପଏଣ୍ଟ ପାଇ ରନର୍ସ ଅପ୍ ସିଲ୍ ପାଇଥିଲା। ଅନ୍ୟ ପକ୍ଷରେ ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀ ମୋଟ ୬୧ ପଏଣ୍ଟ ପାଇ ଚାମ୍ପିୟନ ସିଲ୍ ପାଇଛି । ଶ୍ରେଷ୍ଠ ଗାୟକ ଏବଂ ବାୟକ ଭାବେ ମଧ ବାଘୁଆପଲ୍ଲୀ ଭାଗବତ ମଣ୍ଡଳୀକୁ ପୁରସ୍କୃତ କରାଯାଇଛି। ସେହିପରି ଖଉରୁଣୀ ଭାଗବତ ମଣ୍ଡଳୀର ପାଳିଆମାନେ ଶ୍ରେଷ୍ଠ ପାଳିଆ ହୋଇଛନ୍ତି। ଗ୍ରାମର ମା'ଯୋଗମାୟା ଭାଗବତ ମଣ୍ଡଳୀ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆୟୋଜକଙ୍କ ପକ୍ଷରୁ ସଭାପତି ପଦ୍ମନାଭ ଖଟାଇ, ସମ୍ପାଦକ ଶେଷଦେବ ଖଟାଇ ଏବଂ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ବିଚାରକ ଭାବେ ଦାଶରଥି ପଟ୍ଟନାୟକ, ଯଦୁମଣି ବିଶ୍ୱାଳ, ପୁରନ୍ଦର ମହାରଣା ଓ ନବକିଶୋର ମାଝି ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଗଣେଶ୍ୱର ଖଟାଇ ଏବଂ ରମେଶ ଚନ୍ଦ୍ର ଭୋଳ ପରିଚାଳନାରେ ସହଯୋଗ କରିଥିଲେ ।



ପ୍ରତିଯୋଗିତା ସ୍ଥଳରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

# ଶ୍ରୀରଘୁନାଥଜୀଉଙ୍କ ପୀଠରେ ଚନ୍ଦନଯାତ୍ରା ଶେଷ

**ଓଡ଼ଗାଁ,୨୮।୫(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ମଙ୍ଗଳବାର ମଧ୍ୟାହ୍ନରେ ଶେଷ ହୋଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉମାନେ ସ୍ୱତନ୍ତ୍ର ବିମାନରେ ପଟୁଆରରେ ମନ୍ଦିରରୁ ବାହାରି ପଦ୍ମସାଗରକୁ ଯାଇ ନୌକାବିହାର କରିଥିଲେ। ଶ୍ରୀଜୀଉମାନେ ଏହି ଉତ୍ସବରେ ପ୍ରତିଦିନ ସାଗର ପୋଖରୀ ଭିତରେ ସୁସଜ୍ଜିତ ଡଙ୍ଗାରେ ଚାପ ଖେଳିବା ସହିତ ଚନ୍ଦନ କୁଣ୍ଡରେ ବୁଡି ରହିଥିଲେ। ୨୧ ଦିନ ବ୍ୟାପୀ ଚନ୍ଦନ ପରେ ସୋମବାର ଭଉଁରିରେ ଯାତ୍ରା ନିମନ୍ତେ ଅପରାହ୍ନ ୫ଟାରେ ଶ୍ରୀଜୀଉ ବନାରସୀ ମଣ୍ଡଣୀ ଖଚିତ ସ୍ୱତନ୍ତ୍ର ବିମାନରେ ବିଜେକରି ପଟୁଆରରେ ବାହାରି ପଦ୍ମ ସାଗରରେ ଚନ୍ଦନ ବେଦୀକୁ ବିଜେ କରିଥିଲେ। ଅନ୍ୟପକ୍ଷେ ସୋମବାର ନିଶାର୍ଦ୍ଧରେ ପୂଜକମାନେ ପାର୍ଶ୍ୱଦେବତା ରାମେଶ୍ୱର ମହାଦେବଙ୍କୁ ଅଭିଷେକ ବେଶରେ, ପୂଜିତ ହନୁମାନଙ୍କୁ ସମସ୍ତ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରିବା ସହିତ ବୀର ହନୁମାନ, ସୀତାରାମଙ୍କୁ କାନ୍ଧରେ ବସାଇ ପଟୁଆରରେ ନେବାର ଦୃଶ୍ୟ ଭକ୍ତମାନଙ୍କୁ ବିମୋହିତ କରିଥିଲା । ରାଧାକାନ୍ତ ମଠରେ ବିଜେ ଶ୍ରୀରାଧାକାନ୍ତଙ୍କୁ ମଧ ସ୍ୱତନ୍ତ୍ରଭାବେ ନିମନ୍ତ୍ରଣ କରି ବିମାନରେ ବିଜେ ପରେ ନୌକା ବିହାର ନିମନ୍ତେ ଶ୍ରୀରାମ ପଦ୍ମ ସାଗରକୁ ବିଜେ କରିଥିଲେ । ରାତିସାରା ଉପସ୍ଥିତ ଶ୍ରୀଜୀଉମାନେ ଚନ୍ଦନ ପୋଖରୀରେ ୨୧ ଘେରା ଭଉଁରି ବିହାର କରିବା ସହିତ ଚାପ ଖେଳରେ ମଜ୍ଜି ରହିଥିଲେ। ହେଲେ ମଙ୍ଗଳବାର ପ୍ରତ୍ୟୁଷରୁ ଶ୍ରୀରଘୁନାଥଜୀଉଙ୍କ ସମେତ ସମସ୍ତ ପାର୍ଶ୍ୱଦେବଦେବୀଙ୍କୁ ଭିନ୍ନ ଭିନ୍ନ ସୁସଜ୍ଜିତ ବିମାନରେ ଉପବେଶନ କରି ନଗର ଭ୍ରମଣରେ ବାହାରିଥିଲେ । ନଗର ପରିକ୍ରମା ସମୟରେ ଶ୍ରୀଜୀଉମାନଙ୍କୁ ବିଭିନ୍ନ ନିର୍ଦ୍ଦିଷ୍ଟ ପରିବାର ଓ ଅନୁଷ୍ଠାନ ତରଫରୁ ଚାଚେରୀ ପୂଜା ଭୋଗ ଲାଗି କରାଯାଇଥିଲା । ନଗର ପରକ୍ରମା ପରେ ଶ୍ରୀଜୀଉମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଜୀଉମାନେ ଚାପଖେଳ ନିମନ୍ତେ ଚନ୍ଦନ ପୋଖରୀ ମଧ୍ୟରେ ରହିଥିବାରୁ ପରମ୍ପରା ଅନୁଯାୟୀ ସୋମବାର ଅହୋରାତ୍ର ମନ୍ଦିର ଖୋଲା ରହିଥିଲା । ମଧ୍ୟାହ୍ନ ପୂର୍ବରୁ ଶ୍ରୀଜୀଉମାନେ ମନ୍ଦିର ପ୍ରବେଶ କରିବା ଅବସରରେ ନାଟ୍ୟ ମଣ୍ଡପରେ ଜଗତୀ ପୂଜା, ଆଳତି ଅର୍ପଣ ଲାଗି ପରେ ନିଜ ନିଜ ମନ୍ଦିରକୁ ପ୍ରବେଶ କରଥିଲେ। ପ୍ରଭୁ ଶ୍ରୀରାମଙ୍କୁ ପଣାପାଣି, ବସ୍ତ୍ର, ତାମ୍ବୁଳାଦି ପ୍ରଦାନ କରି ଆପ୍ୟାୟିତ କରିବା ସହିତ ଭୋଗଲାଗି କରାଯାଇଥିଲା। ଦିନ ୨ଟାରେ ଦିବା ପହୁଡ ହୋଇଥିଲା। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସମେତ ମନ୍ଦିର ପରିଚ୍ଛା ହରବନ୍ଧୁ ଷଡଙ୍ଗୀ, ପୂଜକ ପରିଷଦ ସଦସ୍ୟ ତଥା ଛତିଶାଣି ନିଯୋଗ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିଥିଲେ । ସେହିପରି ମଙ୍ଗଳବାରଠାରୁ ଦେବସ୍ନାନ ପୂର୍ଣ୍ଣମୀ ପର୍ଯ୍ୟନ୍ତ ମନ୍ଦିରରେ ଭିତର ଚନ୍ଦନଯାତ୍ରା ପାଳନ କରାଯିବ।



ଶ୍ରୀଜୀଉଙ୍କ ଚାପ ଖେଳ କରାଯାଉଛି।

